ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...

# ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ବ୍ୟକ୍ତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ଜଣ ଲୋକଙ୍କୁ ସମର୍ପି ଦେଇଥିଲା । ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି । ପୀଡିତା ନିବାଡା ଗାଁରେ ରୁହନ୍ତି । ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା । କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ



ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ । ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ । ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ । ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ । ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି । ଏମାନେ ଗାଜିଆବାଦର ବାସିନ୍ଦା । ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ନ ଥିଲା । ନିଜ ଦେଢ଼ଶୂର, ନଣନ୍ଦେଇ ଓ ଶଶୂର ମଧ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ମହିଳା ▶ପୃଷ୍ଠା-୭

# ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର' । ଏଥିପାଇଁ ଆନ୍ଧ୍ର ସରକାର ସରଲା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ । ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି । ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ । କମ୍ପାନୀ

## ୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ



ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି । ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ । ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ ▶ପୃଷ୍ଠା-୭

# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ



■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି । ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି । ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ । ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା ।

## ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ


ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍‌ବୋତଲକାଢ଼ିସେତଳେରଖିଥିଲା । ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ଡାକ୍ତରଙ୍କ ସୁପାରିସ କ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ଏତଲା ଦେଇଥିଲେ । ଏହାପରେ ▶ପୃଷ୍ଠା-୭

## ଅସନ୍ତୋଷ ଚାପିବାକୁ ୨୦୦ରୁ ଅଧିକ ସାମଗ୍ରୀରୁ ହଟିଲା ଶୁଳ୍କ

# ମହଙ୍ଗା ମାଡ଼ ପରେ ଆଣ୍ଠେଇଲେ ଟ୍ରମ୍ପ

■ ୱାସିଂଟନ୍, ୧୮।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି । ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବା ।।ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଜିଦଖୋର ନୀତି ଯୋଗୁଁ ଦେଶବାସୀ ଗୁରୁତର ସାମଗ୍ରୀ ସଙ୍କଟର ସମ୍ମୁଖୀନ ହୋଇଥିଲେ । ଏହାକୁ ନେଇ ଦେଶ ଭିତରେ ଅସନ୍ତୋଷ ତୀବ୍ର ହେବାକୁ ଲାଗିବାରୁ ଟ୍ରମ୍ପ ତାଙ୍କର ବାଣିଜ୍ୟ ନୀତିରେ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି । ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ



ଉଠାଇ ଦେଇଛି । ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ।

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇଟ୍ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ହୋଇଛି । ୨୦୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ଥିଲା ୨୨,୦୦୦ କୋଟି ଟଙ୍କା । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ ଆମେରିକା

## ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍

ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି । ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି । ତେବେ ଟ୍ରମ୍ପ ସେହି ସାମଗ୍ରୀ ଉପରୁ ଶୁଳ୍କ ହଟାଇଛନ୍ତି ଯାହାର ଉତ୍ପାଦନ ଆମେରିକାରେ କମ୍ ରହିଛି ।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍ । କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା । ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

# ସାଲିଆସାହିରେ ବୁଲିଲା ବୁଲ୍‌ଡୋଜର

■ ଭୁବନେଶ୍ୱର, ୧୮।୧୧ (ସମିସ): ରାଜଧାନୀର ପ୍ରମୁଖ ବସ୍ତି ସାଲିଆସାହିରେ ମଙ୍ଗଳବାର ବୁଲିଛି ବୁଲଡୋଜର । ଏକାମ୍ରକାନନରୁ ଅନ୍ଧାରୁଆ ୧୩ କିଲୋମିଟର ନୂତନ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାୟକ୍ରମେ ପ୍ରାୟ ୫୨୧ଘର ଉଚ୍ଛେଦ କରାଯିବାକୁ ଥିବା ବେଳେ ଆଜି କିଛି ଘରକୁ ଭାଙ୍ଗିଦିଆଯାଇଛି । ପ୍ରବଳ ଶୀତବେଳେ ବିନା ଥଇଥାନରେ ଉଚ୍ଛେଦକୁ ବିରୋଧ କରି ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି । ଫଳରେ ପୁଲିସ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି ଏବଂ ଖଣ୍ଡଯୁଦ୍ଧ ସମ ପରିସ୍ଥିତି ସୃଷ୍ଟି ହୋଇଛି । ଘର ଭାଙ୍ଗିବା ପରେ କେଉଁଆଡ଼େ ଯିବୁ, ଛୋଟ ଛୋଟ ପିଲାଙ୍କୁ ନେଇ ଶୀତ ରାତିରେ କିଭଳି ବଞ୍ଚିବୁ ବୋଲି ସେମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଏପରିକି ଘର ଭଙ୍ଗା ବେଳେ କିଛି ଲୋକ ▶ପୃଷ୍ଠା-୭



**ବସ୍ତିବାସିନ୍ଦାଙ୍କ ତୀବ୍ର ବିରୋଧ, ବୁଲଡୋଜର ଆଗରେ ଧାରଣା**

**୬୦୦ ବର୍ଗଫୁଟ ଜମି ଦେବାକୁ କହିଥିଲେ, ଏବେ ଠକିଦେଲେ**



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮।୧୧ (ସମିସ): ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମାର ଖେଳ ଶେଷ ହୋଇଛି । ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଖାଲି ହିଡ୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛନ୍ତି । ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ▶ପୃଷ୍ଠା-୭

# ଅକାଠୁଆ ଶୀତ



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ । ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି । ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି । ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭




# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ


ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କିଛି ଅଜଣା ବନ୍ଧୁକଧାରୀ ଅସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ। ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ହତ୍ୟା କରି ବାଳିକା ଛାତ୍ରାବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି। ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି। ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି। ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡ଼ିକରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଇଛି। ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ। ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି। କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ଦେଖାଯାଇଛି।

## ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି। ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି। ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା। ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା। ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ। ସୂଚନା ଅନୁଯାୟୀ, ଏନ୍‌ଆଇଏ ଆଜି ପଟିଆଲ ହାଉସ କୋର୍ଟରେ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା। ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା। ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା। ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲା। ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା। କିନ୍ତୁ ଯାଞ୍ଚ ପରେ କିଛି ମିଳି ନ ଥିଲା। ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି।



# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## ‘ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା’

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଆତ୍ମଘାତୀ ବୋମା ସାଜିଥିବା ଉମର ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ରଖିଛି । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା। ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା ସହିଦ ହେବାର ଏକ ମିସନ ବୋଲି ସେ କହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋରଣ କରିବା ସହ ନିଜକୁ ଉଡାଇ ଦେଇଥିଲା। ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି ।

ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏପରି କରିବାକୁ ମନା କରିଦେଇଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା ।



- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲ । ଏହା ଇସ୍‌ଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦାବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ଗତ ଏପ୍ରିଲ୍‌ରେ ସେ ଏହି ମିସନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦ୍ୱାହି ଦେଇ ସେ ଓହରିଯାଇଥିଲା। ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛନ୍ତି। ଆତଙ୍କବାଦ ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହାରକୁ ଯିବା ନେଇ ବାରଣ କରାଯାଇଛି । ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି । ଡାକ୍ତର ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ପ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲେ । ପରେ ପଶ୍ଚିମବଙ୍ଗରୁ ସେ ଗିରଫ ହୋଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କରେ ସେ ସାମିଲ ଥିବୋଲି ଜଣାପଡ଼ିଛି ।

# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କିଛି ମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା’ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି। ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା। ଏହି ସୁବିଧା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା। କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ। ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ। ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି। ଏବେ ଇରାନ ଯାଉଥିବା ଭାରତୀୟଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି। ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି। ଆଇସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି। ଏଥିସହ ପାର୍ଟି କମଚଳା ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି। ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି। କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିମ ରାୟ ଦିଆଯାଇଥିଲା। ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା। ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା। ମୁଖ୍ୟ ବିଚାରପତି ମାସେ ହେଲା ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶରେ ହସିନାଙ୍କ ଭାଷଣ ଛାପିବା ଉପରେ ସରକାର କଟକଣା ଲଗାଇ ଦେଇଛନ୍ତି। ତାଙ୍କୁ ଦେଶକୁ ନେବା ପାଇଁ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି ମଧ୍ୟ କୁହାଯାଉଛି।



# ସାଉଦିକୁ ଏଫ୍-୩୫ ବିକିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି। ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାର ବୋଲି କହିଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି। ଗତ କେତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁଛି। ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି। ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ। କିନ୍ତୁ ସାଧାରଣତଃ ଏହା ହୋଇନଥାଏ। ଏଫ୍-୩୫ ୫ମ ପିଢ଼ିର ଫାଇଟର ଜେଟ୍। ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି। ୨୦୦୬ରୁ ଏହି ବିମାନ ତିଆରି ପ୍ରକ୍ରିୟା ଆରମ୍ଭ ହେଉଛି। ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା। ପେଣ୍ଟାଗନ ଇତିହାସରେ ଏହା ସବୁଠାରୁ ଦାମୀ ବିମାନ। ଏଫ୍-୩୫ର ୩ଟି ଭାରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।



# ବାଚସ୍ପତି ପଦ ପାଇଁ ଟଣାଓଟରା

## ଗୃହ ବିଭାଗ ଛାଡ଼ିବାକୁ ନୀତୀଶ ନାରାଜ

ପାଟନା/ନୂଆଦିଲ୍ଲୀ, ୧୮।୧୧: ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାରେ ୫ ଦିନ ବିତିଗଲାଣି, କିନ୍ତୁ ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ । ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମ ଘୋଷଣା କରାଯାଇ ନାହିଁ। କୁହାଯାଉଛି ଯେ ବାଚସ୍ପତି ପଦ ଓ ଗୃହ ମନ୍ତ୍ରଣାଳୟକୁ ନେଇ ବିଜେପି ଏବଂ ନୀତୀଶଙ୍କ ଜେଡିୟୁ ମଧ୍ୟରେ ଟଣାଓଟରା ଚାଲିଥିବାରୁ ନେତା ନିର୍ବାଚନ ପାଇଁ ଏନଡିଏ ବୈଠକ ମଧ୍ୟ ବସିପାରୁ ନାହିଁ। ଉଭୟ ବାଚସ୍ପତି ପଦ ସହିତ ଗୃହ ବିଭାଗ ଜେଡିୟୁ ହାତରେ ରଖିବା ଲାଗି ନୀତୀଶ ଜିଦ୍ ଧରିଛନ୍ତି । କିନ୍ତୁ ବିଜେପି ଏଥିରେ ରାଜି ହେଉନାହିଁ। ବିଜେପି ନେତା ଯୁକ୍ତି କରୁଛନ୍ତି ଯେ ବିଜେପି ଅଧିକ ଆସନ ପାଇଥିଲେ ମଧ୍ୟ କମ୍ ଆସନ ପାଇଥିବା ଜେଡିୟୁକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦିଆଯିବ । ଏହା ବଦଳରେ ବିଜେପିକୁ ବାଚସ୍ପତି ପଦ ସହିତ ଗୃହ ବିଭାଗ ମିଳିବା ଉଚିତ ।

ବିଦାୟୀ ବିଧାନସଭାରେ ବିଜେପିର ନନ୍ଦ କିଶୋର ଯାଦବ ବାଚସ୍ପତି ଅଛନ୍ତି। କିନ୍ତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ହାତରେ ରଖିଛନ୍ତି। କୌଣସି ବି ପରିସ୍ଥିତିରେ ଗୃହ ବିଭାଗ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ନୀତୀଶ । ଏହାସହିତ ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କିତ ହୋଇପଡ଼ିଥିବା ନୀତୀଶ କୁମାର ବାଚସ୍ପତି ପଦ ତାଙ୍କର ଜେଡିୟୁକୁ ମିଳୁ ବୋଲି ଜିଦ୍ ଧରିଛନ୍ତି । ବାଚସ୍ପତି ଦୌଡ଼ରେ ବିଜେପିର ପ୍ରେମ କୁମାର ଥିବା ବେଳେ ଜେଡିୟୁର ବିଜୟ ଚୌଧୁରୀଙ୍କୁ ବାଚସ୍ପତି କରିବାକୁ ଚାହୁଛନ୍ତି ନୀତୀଶ ।

ଅଚଳାବସ୍ଥା ଦୂର କରିବା ଲାଗି ନୂଆଦିଲ୍ଲୀରେ ବିଜେପି ଏବଂ ଜେଡିୟୁର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି । ବର୍ତ୍ତମାନ ସୁଦ୍ଧା କୌଣସି ସହମତି ହୋଇପାରି ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ଡକରା ପାଇ ଗତକାଲି ରାତିରେ ଜେଡିୟୁର ଦୁଇ ବରିଷ୍ଠ ନେତା ସଂଜୟ ଝା ଏବଂ ଲଲନ ସିଂହ ଦିଲ୍ଲୀ ଯାଇଥିଲେ । ଅମିତ ଶାହଙ୍କ ସହିତ ଦୀର୍ଘ ତିନି ଘଣ୍ଟା ଧରି ଏହି ଦୁଇ ନେତାଙ୍କର ରୁଦ୍ଧଦ୍ୱାର ବୈଠକ ହୋଇଛି । ବୈଠକରେ ବଜେପି ସଭାପତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । ବାଚସ୍ପତି ଓ ଗୃହ ବିଭାଗକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି ।

ଅମିତ ଶାହ ଆସନ୍ତାକାଲି ପାଟନା ଆସୁଛନ୍ତି । ଏହାପୂର୍ବରୁ ବାଚସ୍ପତି ଓ ଗୃହ ବିଭାଗ ନେଇ ବୁଝାମଣା ହୋଇଯିବ ବୋଲି କୁହାଯାଉଛି। ଆସନ୍ତାକାଲି ଏନ୍‌ଡିଏର ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ନେତା ନିର୍ବାଚିତ କରାଯିବାର ସମ୍ଭାବନା ରହିଛି । ଏହାପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ସହିତ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ।

# ଅଲ-ଫଲାହ ପ୍ରତିଷ୍ଠାତାକୁ ଗିରଫ କଲା ଇଡି



ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ଚର୍ଚ୍ଚାରେ ଥିବା ଅଲ୍-ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦିକିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି । ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ୟୁନିଭର୍ସିଟିର ତିନି ଏମ୍‌ବିବିଏସ ପ୍ରାଧ୍ୟାପକ ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଜଣେ ଆତ୍ମଘାତୀ ସାଜି ନିଜକୁ ଉଡ଼ାଇ ଦେଇ ବିସ୍ଫୋରଣ କରିଥିଲା । ଅଲ-ଫଲାହର ଅନେକ ମେଡିକାଲ ଛାତ୍ର ଏବେ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ସୂଚନା ଅନୁଯାୟୀ ଇସିଆଇଆର ରେକର୍ଡ ଜାଲିଆତି କରିଥିବା ନେଇ ଅଲ-ଫଲାହ ବିରୋଧରେ ଅଭିଯୋଗ ଲାଗିଥିଲା । ଦିଲ୍ଲୀ ପୁଲିସ ଏ ନେଇ ଦୁଇଟି ଏତଲା ରୁଜୁ କରିଥିଲା। ଏହି ମାମଲାରେ ଇଡି ତୁହାକୁ ତୁହା ଚଢ଼ଉ ଜାରି ରଖିଥିଲା । ଯାଞ୍ଚ ଏବଂ ପ୍ରମାଣର ବିଶ୍ଳେଷଣ ଆଧାରରେ ସିଦିକିକୁ ଗିରଫ କରାଯାଇଛି । ଏହା ପୂର୍ବରୁ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଅଲ-ଫଲାହ ୟୁନିଭର୍ସିଟି ସହିତ ଏହାର ଓଖଲା ଅଫିସ ଏବଂ ପ୍ରମୋଟରଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା । ଏହି ୟୁନିଭର୍ସିଟି ୟୁଜିସି ଏବଂ ନାକ୍ ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଥିଲା । ଦିଲ୍ଲୀ କାର୍ ବିସ୍ଫୋରଣକୁ ନେଇ ଯାଞ୍ଚ ଏଜେନ୍ସି ୨୫ଟି ସ୍ଥାନରେ ଚଢ଼ଉ କରିଥିଲା। ଏହି ଗ୍ରୁପ ସହ ୯ଟି ସେଲ୍ ଫାର୍ମ ସାମିଲ ଥିଲା । ସବୁ କମ୍ପାନୀର ଠିକଣା ସମାନ ଥିଲା । ଏବେ ସବୁ କମ୍ପାନୀ ତଦନ୍ତର ପରିସର ଭୂକ୍ତ ହୋଇଛନ୍ତି ।

# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି। ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି। ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି। ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି। ପାକିସ୍ତାନର ଲସ୍କର-ଇ- ତୋଇବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶିଦାବାଦରେ ମୌଲବାଦୀମାନେ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିଥିଲେ। ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଲବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ‘ପ୍ରାକୃତିକ ବିପର୍ଯ୍ୟୟ’ ଘୋଷଣା କରିବାକୁ କହିଛନ୍ତି। ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ। ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ। ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା। ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ। ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ। ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ। ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ। ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି। ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି। ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି।



# କେଦାରନାଥରେ ୨୩୦୦ ଟନ୍ ଆବର୍ଜନା, ତଳକୁ ଆଣିବାରେ ଖର୍ଚ୍ଚ ହେବ ୨୫ କୋଟି

ରୁଦ୍ରପ୍ରୟାଗ, ୧୮ ।୧୧(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାସ୍ଥିତ କେଦାରନାଥ୍ ଧାମ୍‌ରେ ଚଳିତ ବର୍ଷ ରେକର୍ଡ ୧୭ ଲକ୍ଷ ୬୮ ହଜାର ଶ୍ରଦ୍ଧାଳୁ ବାବା କେଦାରନାଥ ଦର୍ଶନ କରିଛନ୍ତି। କିନ୍ତୁ ଏମାନେ କେଦାରନାଥ ଧାମ୍‌ରେ ୨୩୦୦ ଟନ୍ ଆବର୍ଜନାର ଏକ ପାହାଡ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଶ୍ରଦ୍ଧାଳୁ ହାରାହାରି ଦେଢ଼ କେଜି ଆବର୍ଜନା ସେଠାରେ ଛାଡି ଆସିଛନ୍ତି। ଗତବର୍ଷ ତୁଳନାରେ ପ୍ରତ୍ୟେକ ଯାତ୍ରୀ ଏଥର ଅଧିକ ୧୫୦ ଗ୍ରାମ୍‌ର ଆବର୍ଜନା ପକାଇଛନ୍ତି। ଏବେ ଏହି ଆବର୍ଜାନ ହିମାଳୟ କ୍ଷେତ୍ରରେ ଅବସ୍ଥିତ ଏହି ଶିବଧାମ୍‌ର ପରିବେଶ ତଥା ପର୍ଯ୍ୟାବରଣକୁ ବିପଦରେ ପକାଇଛି। କିନ୍ତୁ ସେଠାରେ ଏହି ଅବର୍ଜନାକୁ ଜଳାଇବାକୁ ଅନୁମିତ ଦିଆଯାଇନାହିଁ। ୧୦୦ ଟନ୍ ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାରେ ପଡ଼ି ରହିଛି । ଖଚରମାନେ ହିଁ ଏହି ଆବର୍ଜନାକୁ କେଦାରନାଥ ଧାମରୁ ତଳକୁ ଆଣିବେ। ଥରେ ଏକ ଖଚର ୧୦ରୁ ୧୨ କେଜି ଆବର୍ଜାନ ତଳକୁ ଆଣିବାରେ ୧୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏବେ ଏହି ଅବର୍ଜନାକୁ ତଳକୁ ଆଣିବା ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି ।

# ଅନମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): କୂଟନୀତିରେ ଭାରତକୁ ବଡ଼ ସଫଳତା ମିଳିଛି। ମହାରାଷ୍ଟ୍ରର ଏନ୍‌ସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିଛି। ସେ ବୁଧବାର ଭାରତରେ ପହଞ୍ଚିବ। ବର୍ଷେ ହେଲା ଅନ୍‌ମୋଲକୁ ଭାରତ ଆଣିବା ପାଇଁ ମୁମ୍ବଇ ପୁଲିସ ଉଦ୍ୟମ କରୁଥିଲା। ସେହିପରି ଗତ ବର୍ଷ ଏପ୍ରିଲରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ଉପରେ ଗୁଳି ମାଡ଼ ମାମଲାକୁ ନେଇ ମଧ୍ୟ ଅନ୍‌ମୋଲ ୱାଣ୍ଟେଡ ଥିଲା। ବାବା ସିଦ୍ଦିକିଙ୍କ ପୁଅ ଜିସାନ ସିଦ୍ଦିକି କହିଛନ୍ତି ଯେ ଅନ୍‌ମୋଲ ଆମେରିକାକୁ ଆସୁଛି ବୋଲି ତାଙ୍କୁ ସୂଚନା ମିଳିଛି। ଏବେ ସେ ଆଉ ଆମେରିକାରେ ନାହିଁ। ଭାରତ ଅଣାଯାଇ ତା ବିରୋଧରେ ଟ୍ରାଏଲ ହେବ ବୋଲି ଆଶା। ପୂର୍ବରୁ କାନାଡ଼ାରେ ଅନମୋଲକୁ ଅଟକ ରଖାଯାଇଥିବା କୁହାଯାଉଥିଲା। ଏଠାରୁ ତା’ ନିକଟରୁ ରୁଷ୍‌ର ଜାଲ୍ ପାସପୋର୍ଟ ମିଳିଥିଲା।



### ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ନାହିଁ



ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

**■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି**
**■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା**

# ଝାରସୁଗୁଡ଼ାରୁ ଧରାପଡ଼ିଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ (୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬)। ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ। ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ। ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ। ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ। ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି। ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି। ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।



**୬୧ ପାସ୍‌ବୁକ, ୪୧ ଏଟିଏମ୍, ୯୦ ମୋବାଇଲ ଫୋନ ଜବତ**

# ରାଜ୍ୟରେ ହେବ ୪ ନୂଆ ତହସିଲ

ଭୁବନେଶ୍ୱର,୧୮ ।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ। ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ। ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି। ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି। ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି। ଏହି ପ୍ରସ୍ତାବରେ ନିର୍ବାଚିତ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରି ଜନସାଧାରଣଙ୍କ ପାଇଁ ଭୌଗୋଳିକ ନିକଟତା ଏବଂ ପ୍ରଶାସନିକ ସେବା ପ୍ରଦାନର ସୁବିଧାକୁ ଧ୍ୟାନ ଦେବାକୁ କୁହାଯାଇଛି। ଏହାସହିତ ପ୍ରସ୍ତାବିତ ତହସିଲ ପାଇଁ କର୍ମଚାରୀଙ୍କ ଆବଶ୍ୟକତା, ଆର୍ଥିକ ପ୍ରଭାବ ମତାମତ ସହିତ ୭ ଦିନ ମଧ୍ୟରେ ସମ୍ପୃକ୍ତ ଆରଡିସି ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିବାକୁ କୁହାଯାଇଛି।

# ଠକ ଅଜିତ୍ ସହ ଆଇଏଏସ୍ ଅଧିକାରୀଙ୍କ ଘନିଷ୍ଠ ସମ୍ପର୍କ!

ଭୁବନେଶ୍ୱର, ୧୮ ।୧୧(ସମିସ): ଜିଏସ୍‌ଟି ରେଡ୍‌ରୁ ବଞ୍ଚାଇବା ପାଇଁ ୧୮ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣାରେ ଅଜିତ୍ କୁମାର ପାତ୍ର ଓ ତାର ସହଯୋଗୀ ମିକୁଲାଲ୍ ଜୈନଙ୍କ ଗିରଫ ପରେ ଅନେକ ଅଫିସରଙ୍କ ମନରେ ପଶିଛି ଛନକା। ଏହି ସର୍ବଭାରତୀୟ ଠକ ସହ ରାଜ୍ୟର ଅନେକ ବରିଷ୍ଠ ଅଫିସରଙ୍କ ସମ୍ପର୍କର ସୂତ୍ର ସିବିଆଇ ହାତରେ ଲାଗିଥିବା କୁହାଯାଉଛି ଏବଂ ଜଣେ ସଚିବସ୍ତରୀୟ ଅଧିକାରୀଙ୍କ ସହ ତାଙ୍କ ଘନିଷ୍ଠ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ସିବିଆଇ ଜାଣିବାକୁ ପାଇଛି। ସମ୍ପୃକ୍ତ ଅଧିକାରୀ ବଲାଙ୍ଗୀର ଜିଲ୍ଲାରେ ଜମିବାଡ଼ି କିଣାରେ ଅଜିତ୍ ମଧ୍ୟସ୍ଥତା କରିଥିବା ସିବିଆଇ ସୂଚନା ପାଇଛି । ଏ ସମ୍ପର୍କରେ ସିବିଆଇ ଡିଜିଟାଲ୍ ପ୍ରମାଣ ଯୋଗାଡରେ ଲାଗିଛି ଓ ଖୁବ୍ ଶୀଘ୍ର ତାଙ୍କୁ ଜେରା ଲାଗି ନୋଟିସହୋଇପାରେବୋଲି ଏହିସୂତ୍ରରୁଜଣାପଡ଼ିଛି।

ସମ୍ପୃକ୍ତ ଅଧିକାରୀ ଜଣକ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଅଜିତ ତାଙ୍କର ପାଖଲୋକ ଭାବରେ ପରିଚିତ ଥିଲା। ତାଙ୍କ ମାଧ୍ୟମରେ ସେ ଆହୁରି ଅନେକ ଆଇଏଏସ୍ ଓ ଓଏଏସ୍‌ଙ୍କ ପାଖଲୋକ ହୋଇ ପାରିଥିଲା। ବଲାଙ୍ଗିର ଜିଲ୍ଲାରେ ଜମି କିଣିଥିବା ଏହି ଅଧିକାରୀମାନଙ୍କୁ ଅଜିତ୍ ସହଯୋଗ କରିଥିଲା। ସମ୍ପୃକ୍ତ ଅଧିକାରୀ ପାଟଣାଗଡ଼ ଓ ଟିଟିଲାଗଡ଼ରେ ନିଜର ସମ୍ପର୍କୀୟଙ୍କ ନାମରେ ବହୁ ଜମି କିଣିଛନ୍ତି ଏବଂ ଏଥିରେ ଅଜିତ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଜମି କିଣାବିକାରୁ କୋଟିକୋଟି ଟଙ୍କା ରୋଜଗାର କରିବା ସହିତ ନିଜ ନାମରେ ମଧ୍ୟ କିଛି ପ୍ଲଟ୍ କିଣିଥିଲା। ବ୍ୟାପକ କଳା ଟଙ୍କା କାରବାର କରିବାରେ ସେ ପ୍ରମୁଖ ମାଧ୍ୟମ ସାଜିବା ସହ ବାବୁଙ୍କ ପାଖଲୋକ ଭାବେ ବିଭିନ୍ନ ଅଫିସରେ ପତିଆରା ପ୍ରଦର୍ଶନ କରୁଥିଲା। ଏପରିକି ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବା ଦାୟିତ୍ୱ ଅଜିତ ନିଜେ ନେଉଥିଲା କିମ୍ବା ତା ସୁପାରିଶ କ୍ରମେ ହିଁ ଅନ୍ୟ ସଂସ୍ଥାକୁ କାମ ଦିଆଯାଉଥିଲା।

ଆମ୍ବସଡ଼ାର ଗାଡ଼ି ଭଡ଼ାରୁ ନିଜ ବ୍ୟବସାୟିକ ଜୀବନ ଆରମ୍ଭ କରିଥିବା ମାଟ୍ରିକ ପଢୁଆ ଅଜିତ ନିଜ ଜାଲରେ ବରିଷ୍ଠ ଅଧିକାରୀଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ତାଙ୍କ ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ନେତାଙ୍କ ଭିଡ଼କୁ ଏହାର ପ୍ରମାଣ ବୋଲି ମନେ କରୁଛି ସିବିଆଇ। ସବୁ ସୂତାଖିଅକୁ ଯୋଡ଼ି ସିବିଆଇ ଅଜିତ୍ ବିରୋଧରେ ପ୍ରମାଣ ଏକାଠି କରୁଛି। ଏହା ସହ କେଉଁ କେଉଁ ଅଧିକାରୀଙ୍କ ସହ ତାହାର ଘନିଷ୍ଠତା ଥିଲା, ଲୋକଙ୍କୁ ଠକିବାରେ ସେ କିପରି ନକ୍ସା ପ୍ରସ୍ତୁତ କରୁଥିଲା ତାହାର ଅନୁସନ୍ଧାନ ସହ ଅଜିତ୍‌ର ବ୍ୟାଙ୍କ କାରବାର ସମ୍ପର୍କରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଏହା ସହ ଅଜିତ୍ ନାମରେ ଥିବା ୨୬ଟି ପ୍ଲଟ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ସମ୍ପୃକ୍ତ ସଚିବସ୍ତରୀୟ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି କୁହାଯାଉଛି ।

**■ ସିବିଆଇ ସ୍କାନରରେ ସରକାରଙ୍କ ବରିଷ୍ଠ ଅଧିକାରୀ**
**■ ବଲାଙ୍ଗିର ଜମି କିଣା ମାମଲାରେ ହୋଇପାରେ ଜେରା**

### କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୧୮ ।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) । ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା। ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା। ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା। ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା। ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍‌ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏନ୍‌ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା। ଏନ୍‌ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ। ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍‌ଆଇଏ। ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍। ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

**ନିଯୁକ୍ତି ପ୍ରଲୋଭନ ଦେଖାଇ ଦେହ ବେପାର**

### ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ


ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା। ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି ୩୦ପ୍ରତିଶତ ଧାନ କଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।



ସକାଳ THE SAKALA
ଅନୁଗୋଳ
www.sakalaepaper.com

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୪ ଗ୍ରାମର ଲୋକ



କଣିହାଁ,୧୮।୧୧(ସମିସ): କଣିହାଁ ବ୍ଲକ୍ କଣିହାଁ ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ଚାରୋଟି ଗ୍ରାମର ଲୋକେ ବିଦ୍ୟୁତ ବିଭ୍ରାଟ ନେଇ ମଙ୍ଗଳବାର କଣିହାଁ ବିଦ୍ୟୁତ ସବଷ୍ଟେସନକୁ ଯାଇ ଘେରଉ କରିବା ସହିତ ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବୁରୁବାହାଳ, ଚିନ୍ତାମଣୀପୁର, ବଣସିଂଗ ଓ କିଆଝରି ଗ୍ରାମକୁ ବାରମ୍ବାର ବିଦ୍ୟୁତ ସରବରାହରେ ବ୍ୟାଘାତ ହେଉଛି। ଦୁଇମାସ ହେବ ରାତିରେ ପ୍ରାୟ ବିଦ୍ୟୁତ ସରବରାହ ବନ୍ଦ ରହୁଥିବାବେଳେ ଦିନବେଳେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଏ ଅଞ୍ଚଳକୁ ହାତୀ ଆସୁ ନ ଥିଲେ ମଧ୍ୟ ତା' ବାହାନାରେ ବିଦ୍ୟୁତ କାଟ ହେଉଛି। ସମସ୍ୟା ଯୋଗୁଁ ଲୋକମାନେ ହନ୍ତସନ୍ତ ହୋଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ମଙ୍ଗଳବାର ଏଭଳି ପଦକ୍ଷେପ ନେବା ସହିତ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଓ ତାଳଚେର ସବଡିଭିଜନ ଏସଡିଓଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି।

# ଅଟୋକୁ ଧକ୍କାଦେଲା କାର୍, ଦୁଇ ଗୁରୁତର

ପାଲଲହଡା, ୧୮।୧୧(ସମିସ): ପାଲଲହଡା ଥାନା ୧୪୯ ନଂ ଜାତୀୟ ରାଜପଥ ପେଣ୍ଡେରାବସା ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଅଟୋକୁ ବିପରୀତ ଦିଗରୁ ଆସୁଥିବା ଏକ କାର୍ ଧକ୍କା ଦେବା ଫଳରେ ଅଟୋରେ ବସିଥିବା ପାଞ୍ଚଜଣ ଆରୋହୀଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତର ପବିତ୍ରପୁର ପଞ୍ଚାୟତ ମଇଧପୁର ଗ୍ରାମର ବୋଲି ଜଣାପଡିଛି। ଆହତଙ୍କୁ ପ୍ରଥମେ ପାଲଲହଡା ଡାକ୍ତରଖାନା ନିଆଯାଇଥିବାବେଳେ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଅନୁଗୋଳ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କିଶୋରନଗରରେ ସାଂସଦ କ୍ରୀଡ଼ା ମହୋତ୍ସବ

କିଶୋରନଗର, ୧୮।୧୧(ସମିସ): ସୁସ୍ଥ ଭାରତ ଓ ଶ୍ରେଷ୍ଠ ଭାରତରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଭାରତ ପାଇଁ କ୍ରୀଡ଼ାର ମହତ୍ୱକୁ ଉପଲବ୍ଧି କରି ସାଂସଦ ଖେଳ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ପ୍ରତି ବ୍ଲକ୍‌ରେ ଏହି କ୍ରୀଡ଼ା ମହୋତ୍ସବ ଆୟୋଜିତ ହେଉଛି। ୧୭ ଓ ୧୮ ଦୁଇଦିନ ଧରି କିଶୋରନଗର ବ୍ଲକ୍‌ରେ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।



କିଶୋରନଗର ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ବେହେରା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ ଦାଶ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ସମାଜସେବୀ ଡ. ଅଲେଖ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଖେଳର ଆବଶ୍ୟକତା ସମ୍ପର୍କରେ ଓ ସାଂସଦ ଖେଳ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ପ୍ରାୟ ୩୫୦୦ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିଲେ। ଦୁଇଟି ବିଭାଗରେ ଅନୁଷ୍ଠିତ ଗ୍ରୁପରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦେବରାଜ ପ୍ରଧାନ ଓ ତରଣୀସେନ ସାହୁ ସଭା ସଂଯୋଜନା କରିଥିବାବେଳେ କ୍ରୀଡା ଶିକ୍ଷକ ଦିଲ୍ଲୀପ ମହାରଣା, ବସନ୍ତ ପ୍ରଧାନ, ନବୀନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଏକତା ଦୌଡ଼ ପାଇଁ କୋର୍ କମିଟି ବୈଠକ

ଅନୁଗୋଳ,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ ଉପଲକ୍ଷେ ଆସନ୍ତା ୧୯ ତାରିଖରେ ଅନୁଗୋଳରେ ଏକତା ଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସମଗ୍ର ଜିଲ୍ଲାରୁ ହଜାର ହଜାର କାର୍ଯ୍ୟକର୍ତ୍ତା ଯୋଗଦେବାକୁ ଥିବାବେଳେ ବୈଠକରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସେହିଭଳି ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତ୍ରିରଙ୍ଗା ଯାତ୍ରା ସହ ସାମୂହିକ ବନ୍ଦେ ମାତରମ ଗାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ମାଝୀ, ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ସଂଯୋଜକ ରତ୍ନାକର ସାହୁ, ଦିଲୀପ ଦାସଙ୍କ ସମେତ ସମସ୍ତ କୋର କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଛେଣ୍ଡିପଦାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ଛେଣ୍ଡିପଦା,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ମିନି ଷ୍ଟାଡ଼ିୟମରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ବିଡିଓ ଅରବିନ୍ଦ ବେହେରା, ଅକ୍ଷୟପାଦ ବେହେରା, ଚୌଧୁରୀ ପ୍ରଧାନ, ସୁଦୀପ୍ତ ଗଡ଼ନାୟକ, ବିଜୟ୍ ମାଝୀ ଯୋଗ ଦେଇଥିଲେ। ୬ଟି ବିଭାଗରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳକୁ ଉଭୟ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରୁଥିବାବେଳେ ରାମଚନ୍ଦ୍ର ସାହୁ ସହଯୋଗ କରୁଛନ୍ତି।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ପାଲଲହଡ଼ା,୧୮।୧୧(ସମିସ): କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାକୁ ପାଲଲହଡ଼ା ଷ୍ଟାଡ଼ିୟମରେ ସାଂସଦ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି। ବ୍ଲକ୍‌ସ୍ତରୀୟ ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ପାଲଲହଡ଼ା ବ୍ଲକର ୩୨ଟି ହାଇସ୍କୁଲ, ୨ ମହାବିଦ୍ୟାଳୟର ୧୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସଭାରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ନିଶାନ ମିଶ୍ର, ବିଇଓ ସତ୍ୟବାଦୀ ସାମଲ, ବରିଷ୍ଠ ବିଜେପି ନେତା ତନ୍ମୟ ସାହୁ, ଲିଙ୍ଗରାଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। କନିଷ୍ଠ ବିଭାଗ (୧୪ରୁ ୧୭ ବର୍ଷ) ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାବେଳେ ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ)ରେ ଛାତ୍ରଛାତ୍ରୀ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍, ସଟପୁଟ୍ ଓ କବାଡି ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# ଅନୁଗୋଳ ସହର ହେଉଛି ସୌନ୍ଦର୍ଯ୍ୟକରଣ

ଅନୁଗୋଳ,୧୮।୧୧(ସମିସ): ଅନୁଗୋଳ ସହର ମଧ୍ୟରେ ଏବେ ଜବରଦଖଲ ଉଚ୍ଛେଦ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ଏଥିପାଇଁ ଆଲୋକୀକରଣ କରାଯାଉନାହିଁ, ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ସ୍ଥାପତ୍ୟ କଳା କାରୁକାର୍ଯ୍ୟ ମଧ୍ୟ କରାଯାଉଛି। ବିଭିନ୍ନ ଛକ, ପାର୍କଗୁଡ଼ିକୁ ଏଥିପାଇଁ ସୁସଜ୍ଜିତ କରାଯାଉଛି। ଏବେ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖକୁ ସୁନ୍ଦର କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାୟ ୭ ନିୟୁତ ବର୍ଷ ତଳେ ହୋଇଥିବା ମାନବର କ୍ରମ ବିକାଶକୁ ଏଥିରେ ପ୍ରଦର୍ଶିତ କରାଯାଉଛି। ପରେ ଆଖପାଖ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇ ଭେଣ୍ଡିଂ ଯୋନ କରାଯିବ ବୋଲି ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଟୋଲ ପ୍ଲାଜା ସମସ୍ୟାର ସମାଧାନ ବୈଠକ

# ପାଲଲହଡ଼ାରେ ନ କରି ଅନୁଗୋଳରେ କରିବାକୁ ପ୍ରଶାସନର ଚକ୍ରାନ୍ତ

ପାଲଲହଡା,୧୮।୧୧(ସମିସ):

ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ମନମୁଖୀ କାର୍ଯ୍ୟ ବିରୋଧରେ ପାଲଲହଡା ବିଜୁ ଜନତା ଦଳ ପକ୍ଷରୁ ଖମାର ଟୋଲ ପ୍ଲାଜାଠାରେ ଗତ ମାସ ୨୨ ତାରିଖରେ ଧାରଣା ଦିଆଯାଇଥିଲା। ଜାତୀୟ ରାଜପଥ

## ସାମ୍ବାଦିକ ସମ୍ମିଳନୀ କରି ବିଜେଡିର ବିରୋଧ

ପାଲଲହଡାରୁ ପିଡିରି ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ମରାମତି କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ମିଟର ମୋରାମ ବେସ ନିର୍ମାଣ କରିବା, ନାହି ରିଜିଓନାଲ ଅଫିସ ପାଲଲହଡାରେ କାର୍ଯ୍ୟକ୍ଷମ କରିବା, ଖମାର ଟୋଲ ପ୍ଲାଜା ଉଚ୍ଛେଦ ଅଥବା ପାଲଲହଡା ଓ କଣିହାଁ ବ୍ଲକର ସମସ୍ତ ଚାରିଚକିଆ ଯାନକୁ ଦେୟ ମୁକ୍ତ କରିବା, ୧୪୯ ନମ୍ବର ଜାତୀୟ ରାଜପଥ ମରାମତି



ନିମନ୍ତେ ହୋଇଥିବା ୧୦ କୋଟି ଟଙ୍କାର ବ୍ୟୟର ଭିଜିଲାନ୍ସ ତଦନ୍ତ କରିବା ଆଦି ତୁରନ୍ତ ପୂରଣ କରିବା ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ଅନୁଗୋଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଓ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ପରାମର୍ଶରେ ତିନିଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବା ପାଇଁ ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ଅପସାରିତ ହୋଇଥିଲା। ଦୀର୍ଘଦିନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୦ ତାରିଖ ଗୁରୁବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପାଇଁ ଚିଠି ହୋଇଥିବାବେଳେ ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଲ ଓ ବିଜେଡି ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ପୂର୍ବତନ ବିଧାୟକ ଶ୍ରୀ ପାଲଙ୍କ ସୂଚନା ଅନୁସାରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବାବେଳେ କାହା ଚାପରେ ଏହା ଅନୁଗୋଳକୁ ସ୍ଥାନାନ୍ତରିତ କରାଗଲା, ଚିଠି ଅନୁସାରେ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ, ପାଲଲହଡ଼ା ବିଧାୟକ, ଏସ୍‌ପି ପ୍ରମୁଖ ଉପସ୍ଥିତ ରହିବେ। ତେବେ ପାଲଲହଡ଼ାବାସୀଙ୍କ ପ୍ରତି ଯଦି ଡବଲ ଇଂଜିନ ସରକାରର ଏତେ ଦରଦ, ତେବେ ବୈଠକରେ ସମସ୍ତ ଦାବି ପୂରଣ କରାଗଲା ବୋଲି ଘୋଷଣା କରନ୍ତୁ। ନଚେତ ପାଲଲହଡ଼ାବାସୀଙ୍କ ସମସ୍ୟା ପୂର୍ବ ପ୍ରତିଶ୍ରୁତି ଅନୁସାରେ ପାଲଲହଡ଼ାରେ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳଙ୍କ ସମେତ ବିଜେଡି ର ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# 'ସନ୍ଥବାଣୀ' ଜାତୀୟ ଆଲୋଚନାଚକ୍ରରେ ଧରଣୀଧର ନାଥଙ୍କ ଯୋଗଦାନ

ଅନୁଗୋଳ,୧୮।୧୧(ସମିସ): ବେଙ୍ଗାଲୁରୁସ୍ଥ ଭାରତୀୟ ବିଦ୍ୟାଭବନ ଶାଖା ଆନୁକୂଲ୍ୟରେ "ସନ୍ଥବାଣୀ' ଉପରେ ଜାତୀୟ ଆଲୋଚନାଚକ୍ର ବିଦ୍ୟାଭବନର ପ୍ରେକ୍ଷାଳୟରେ ଆୟୋଜିତ ହୋଇଛି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଏମ୍. ବୀରପ୍ପା ମୋଇଲି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମର "ନାଥ ପରମ୍ପରା' ଉପରେ ଡକ୍ଟର ଧରଣୀଧର ନାଥ ନାଥ ସମ୍ପ୍ରଦାୟର ଗୌରବମୟ ପରମ୍ପରାର ନବନାଥ, ଚୌରାଶୀ ସିଦ୍ଧ, ଆଧ୍ୟାତ୍ମିକ ସାଧନା, ଭୌତିକ ସାଧନା, ହଠଯୋଗ ଉପରେ ବିଷଦ ଆଲୋଚନା କରିଥିଲେ। ହଠ ଯୋଗର ଆସନ ଓ ମୁଦ୍ରାର ଆଦ୍ୟସୂରୀ ମତ୍ସ୍ୟେନ୍ଦ୍ର ନାଥ ବୋଲି ଡକ୍ଟର ନାଥ ଉଲ୍ଲେଖ କରିଥିଲେ। ନାଥ ପରମ୍ପରାର ସାହିତ୍ୟ ଭାରତର ପ୍ରାଦେଶିକ ସାହିତ୍ୟର ବିକାଶରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ଗୋରଖନାଥଙ୍କ ଦ୍ୱାରା ରଚିତ ପୁସ୍ତକ ଓ ସିଦ୍ଧ ସିଦ୍ଧାନ୍ତ ପଦ୍ଧତିରେ ବର୍ଣ୍ଣିତ ନାଥ ଦର୍ଶନ ଦ୍ୱାରା କବିର, ନାନକ, ମୀରା, ସୁରଦାସ, ନିଭୃତିନାଥ, ଦାଦୁ, ୱାଜିଦ୍, ଜୟେସି, ମଞ୍ଝାସ୍, ଓଡ଼ିଶାର ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଆଦି ପଞ୍ଚସଖାଙ୍କ ସାହିତ୍ୟ ପ୍ରଭାବିତ ବୋଲି ଉଦାହରଣ ସହ ଉଲ୍ଲେଖ କରିଥିଲେ। ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ସାରଳାଙ୍କ



ପୂର୍ବରୁ ଗୋରଖନାଥଙ୍କ ଶିଶୁ ବେଦର ପ୍ରଭାବ ଏବେ ବି ଅବିସ୍ମରଣୀୟ। ଯୋଗ ଆଧାରିତ ଶବ୍ଦ ଭାରତର ବିଭିନ୍ନ ପ୍ରାଦେଶିକ ସାହିତ୍ୟରେ ପ୍ରତିଫଳିତ। ଗୋରଖ ନାଥଙ୍କ ଦ୍ୱାରା ବ୍ୟବହୃତ ସାନ୍ଧ୍ୟ ଭାଷାର ପ୍ରଭାବ କବିର, ନାନକ ଓ ଓଡ଼ିଶାର ପଞ୍ଚସଖା ସାହିତ୍ୟରେ ଦେଖାଯାଏ। ଏଥିସହିତ ଡକ୍ଟର ନାଥ ନାଥ ପରମ୍ପରାର ପ୍ରଥମାଷ୍ଟମୀ ଆଧାରରେ ମହାପ୍ରଭୁ ଲିଙ୍ଗରାଜଙ୍କ ପ୍ରଥମାଷ୍ଟମୀ ପାଳନ ଓଡ଼ିଶାର ସାମାଜିକ ଜୀବନକୁ ପ୍ରଭାବିତ କରିଛି। ନାଥମାନେ ଓଡ଼ିଶାର ଗଣଶିକ୍ଷକ ଭାବେ ଓଡ଼ିଶାବାସୀଙ୍କ ନୈତିକ ଜୀବନକୁ ଗଢ଼ି ତୋଳିଛନ୍ତି। ନାଥ ପରମ୍ପରାର ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଭାରତୀୟ ବିଦ୍ୟ ଭବନର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ଡକ୍ଟର ନାଥଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ବିଜୟ ପରିଜା ଓ ଶ୍ରୀମତୀ ନାଗଲକ୍ଷ୍ମୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜଙ୍ଗଲରୁ ବିଦ୍ୟୁତ୍ ଫାଶ ଜବତ

ବଇଣ୍ଡା,୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଧଣ୍ଡାତୋପା ରେଞ୍ଜ ଝିଲ୍ଲୀ ମୁଣ୍ଡା ଓ ମନ୍ଦରବାହାଳ ଜଙ୍ଗଲରେ ଏବେ ଅବାଧ ଜନ୍ତୁ ଶିକାର ବୃଦ୍ଧି ପାଉଛି। ବିଶେଷକରି ବିଦ୍ୟୁତ ସାହାଯ୍ୟରେ ଏହି ଶିକାର କରାଯାଉଥିବାବେଳେ ଶିକାରୀଙ୍କୁ ଧରିବାରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ବିଫଳ ହେଉଛି। ବାରମ୍ବାର ୧୧ କେଭି ବିଦ୍ୟୁତ ତାରରୁ ହୁକ ପକାଇ ଜନ୍ତୁ ଶିକାର କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ବିଦ୍ୟୁତ ବିଭ୍ରାଟ ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୋର ୪ଟାରେ ଉକ୍ତ ଦୁଇଟି ଜଙ୍ଗଲରେ ବଇଣ୍ଡା ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଟିମ ଚଢ଼ଉ କରି ଜନ୍ତୁ ପାଇଁ ବିଛାଯାଇଥିବା ବିଦ୍ୟୁତ ଫାଶକୁ ଜବତ କରାଯାଇଛି। ଏଥିରେ କାହାରିକୁ ଗିରଫ କରାଯାଇନାହିଁ। ଏହି ଦୁଇଟି ଜଙ୍ଗଲ ଦେଇଯାଇଥିବା ୧୧ କେଭି ବିଦ୍ୟୁତ ତାରରୁ ବିଦ୍ୟୁତ ଫାଶ ପକାଇ ଜନ୍ତୁ ଶିକାର କରାଯାଇଛି। ଏହି ଫାଶରେ କୌଣସି ଜନ୍ତୁ ପଡିବା ପରେ ଶିକାରୀ ଚତୁରତାର ସହ ଜନ୍ତୁକୁ ନେଇ ଯାଇଥିବାବେଳେ ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ବିଦ୍ୟୁତ୍ ଚାର୍ଜ କରିଯାଇଥିଲେ ମଧ୍ୟ ଫିଉଜ କଟିଯାଉଥିବାବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ଜଙ୍ଗଲରେ ଯାଞ୍ଚ କରାଯାଇଥିଲା। ଫଳରେ ବିଦ୍ୟୁତ ଫାଶ ପଡିଥିବା ତାର ବାଉଁଶକୁ ଜବତ କରାଯାଇଛି। କିଛିଦିନ ହେବ ଅବାଧ ଜନ୍ତୁ ଶିକାର ହେଉଥିବାବେଳେ ବିଦ୍ୟୁତ ବିଭ୍ରାଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଟିକରପଡ଼ା ନେଚର କ୍ୟାମ୍ପ ଖୋଲିବା ଦାବି

ଅନୁଗୋଳ, ୧୮।୧୧(ସମିସ): ବିଶ୍ୱ ପ୍ରସିଦ୍ଧ ସାତକୋଶିଆ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଟିକରପଡାଠାରେ ବନ ବିଭାଗ ପକ୍ଷରୁ ନେଚର୍ କ୍ୟାମ୍ପ ଖୋଲାଯାଇଥିଲା। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ନେଚର କ୍ୟାମ୍ପ ଆରମ୍ଭ କରାଯାଉନାହିଁ। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ୟଜନ୍ତୁ ଉପଦ୍ରବ ଯୋଗୁଁ ଗ୍ରାମବାସୀଙ୍କ ଚାଷଜମି ପଡ଼ିଆ ରହୁଛି। ଲୋକମାନେ ନିଜର ଜୀବିକା ହରାଇଛନ୍ତି। ନେଚର କ୍ୟାମ୍ପରେ କାମ କରି ରୋଜଗାର କରିବା ଆଶାରେ ଥିବା ଲୋକମାନେ ହତାଶ ହୋଇଛନ୍ତି। ନେଚର କ୍ୟାମ୍ପ ତୁରନ୍ତ ଖୋଲିବା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା କମିଟି ପକ୍ଷରୁ ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଜୟରାମ ସାହୁ, ଉପସଭାପତି ପ୍ରଫୁଲ୍ଲ ଦେହୁରୀ, ସୁବୋଧ ସାମଲ, ଜ୍ଞାନରଞ୍ଜନ ସାହୁ, ଫକୀର ଜାନି, ରବୀନ୍ଦ୍ର ବାରିକ, ଉପଦେଷ୍ଟା ତୀର୍ଥବାସୀ ଭୋଇ, ମାନସ ପାଳ ପ୍ରମୁଖ ଦାବି କରିଛନ୍ତି। ବନ ବିଭାଗ ପକ୍ଷରୁ ନେଚର କ୍ୟାମ୍ପ ଖୋଲିବା ପାଇଁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଜେଆଇପିଏଲ୍ ପକ୍ଷରୁ ୩ ଗ୍ରାମକୁ ୩୨ଟି ସିଲେଇ ମେସିନ ପ୍ରଦାନ

କଣିହାଁ,୧୮।୧୧(ସମିସ): କଣିହାଁ ବ୍ଲକ୍‌ସ୍ଥ ଜେଆଇପିଏଲ ପ୍ରକଳ୍ପ ପକ୍ଷରୁ ଡେରଙ୍ଗ ଯାତ୍ରା ପଡ଼ିଆରେ ଜଗନ୍ନାଥ ସଂସ୍କୃତି ଭବନ ପରିସରରେ ସୋମବାର ମହିଳା ଦକ୍ଷତା ବିକାଶ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଦକ୍ଷତା ବିକାଶ କେନ୍ଦ୍ରରେ ଗ୍ରାମୀଣ ମହିଳାଙ୍କୁ ସିଲେଇ ଟ୍ରେନିଂ ପ୍ରଦାନ କରାଯାଏ। ମୁଖ୍ୟଅତିଥି ଭାବେ ଜେଆଇପିଏଲ ଭାଇସ ପ୍ରେସିଡେଣ୍ଟ ସୁରେଶ ବଂଶଲ, ଅନ୍ୟତମ ଅତିଥି ଭାବେ ଡେପୁଟି ଜେନେରାଲ ମ୍ୟାନେଜର ବଳଭଦ୍ର ଜେନା, ସିଏସଆର ମ୍ୟାନେଜର ରବିଶ ରାଜନ, ଅକ୍ଷୟ ପ୍ରଧାନଙ୍କ ସହ ଗ୍ରାମର ସଭାପତି ପ୍ରଶ୍ନ ନାୟକ, ସମ୍ପାଦକ ସୁଜିତ ସାହୁ, କୋଷାଧ୍ୟକ୍ଷ ଦୀପକ ବେହେରା, ବିଚ୍ଛନ୍ଦ ସାହୁ, ସାମ୍ବାଦିକ ଟୁନା ସାହୁ, ପୁରୁଷୋତ୍ତମ ସାହୁ, ଇନ୍ଦ୍ରମଣି ସାହୁ, ମହାର୍ଘ୍ୟ ବେହେରା, ସୁରେଶ ସାହୁ, ଅନୀଲ ସାହୁ, ବୁଲୁ ସାହୁ, ସୁଶୀଲ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଜେଆଇପିଏଲ ପ୍ରକଳ୍ପର ସିଏସଆର ପକ୍ଷରୁ ଡେରଙ୍ଗ ମଝିସାହିକୁ ୧୨ଟି, ଦେହୁରୀ ସାହିକୁ ୧୦ଟି ଓ ଘଣ୍ଟିଆନାଳୀ ଦକ୍ଷତା ବିକାଶ କେନ୍ଦ୍ରକୁ ୧୦ଟି ସିଲେଇ ମେସିନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ



ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ସିଲେଇ ମେସିନ ପ୍ରଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ପକ୍ଷରୁ ଏଭଳି ଅଭିନବ ପ୍ରୟାସ ଯୋଗୁଁ ନିକଟସ୍ଥ ଗ୍ରାମର ମହିଳା ସ୍ୱାବଲମ୍ବୀ ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ ବୋଲି ମତ ଦେଇଥିଲେ। ଏଥିରେ ଓଡିଶା ଜୀବିକା ମିଶନ କଣିହାଁ ବ୍ଲକ୍ ପ୍ରଶିକ୍ଷିକା ସସ୍ମିତା ନାୟକ, ଏସଡିସି ବିଜୟାଲକ୍ଷ୍ମୀ ପରିଡା, ଏମବିକେ ଗ୍ରୁପ ଓ ବାଏଫ ଓଡିଶାର ପ୍ରକଳ୍ପ କାର୍ଯ୍ୟକାରୀ ଟିମ ସଦସ୍ୟ, ଏସପିଟି ତରୁଣାକାନ୍ତ ରଣା, ଡିପିଓ ସତ୍ୟବ୍ରତ ସାହୁ, ସିଲାଇ କେନ୍ଦ୍ରର ପ୍ରଶିକ୍ଷିକା ରିଙ୍କି ବେହେରା, କଳ୍ପନା ସେଠୀ ପ୍ରମୁଖ ସିଲେଇ ଶିକ୍ଷା ପ୍ରଦାନ କରିଥିଲେ।

# ସମାଜସେବୀ କ୍ଷୀରୋଦ ସାହୁ ସମ୍ମାନିତ

ତାଳଚେର,୧୮।୧୧(ସମିସ): ତାଳଚେରର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରେସ ଦିବସ ଅବସରରେ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ କ୍ଷୀରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ତାଳଚେର କଲେଜ ନିକଟସ୍ଥ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ତାଳଚେର ମିଡ଼ିଆ ପକ୍ଷରୁ ବିଜେପିର ମିଡ଼ିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ ଓ ଯୁବରାଜ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଏନସିସି ଶିକ୍ଷକ ଅତିଥି ଭାବେ ଯୋଗଦେଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନରେ ହାଟତୋଟାସ୍ଥ ପ୍ରେସ କ୍ଲବଠାରେ ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଓ ମ୍ୟୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ କେଶବ ଭୂତିଆ ଅତିଥି ଭାବେ ଯୋଗଦେଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅପରାହ୍ନରେ ହୋଟେଲ ବୃନ୍ଦାବନଠାରେ ନୋଭେଲ ସାମ୍ବାଦିକ ପକ୍ଷରୁ ଉପଦେଷ୍ଟା ଜ୍ୟୋତି ରଞ୍ଜନ ଦାସ ଓ ସଭାପତି ପ୍ରବୀଣ ଦାସ ପ୍ରମୁଖ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସାମ୍ବାଦିକ ସଂଘର ସଭାପତି, ସମ୍ପାଦକଙ୍କ ସହିତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବଳରାମ କୋଇଲା ଖଣି

# ସୋଲଡ଼ା ସେକ୍ଟରର ଫାଷ୍ଟ କମ୍ ଫାଷ୍ଟ ସର୍ଭିସ୍ ନିୟମକୁ ଉଲ୍ଲଙ୍ଘନ

ତାଳଚେର,୧୮।୧୧(ସମିସ):

ତାଳଚେରର ବିଭିନ୍ନ କୋଇଲା ଖଣିରେ ଲୋକାଲ ସେଲ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଆଦେଶ ବର୍ତ୍ତମାନ ପ୍ରହସନ ପାଲଟିଛି। ବିଶେଷକରି ସୋଲଡା ସେକ୍ଟରରେ ନିୟମକୁ ମାନୁ ନ ଥିବା ଦେଖିବାକୁ ମିଳିଛି। ବଳରାମ କୋଇଲା ଖଣିର ସୋଲଡା ସେକ୍ଟର କେତେକ ମୁଷ୍ଟିମେୟ ଟ୍ରକ ମାଲିକଙ୍କ ସହାୟତାରେ ଏହି ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି। ଏପରିକି ସ୍ତ୍ରୀ ନାମରେ ଟ୍ରକ ଥାଇ ସ୍ୱାମୀ ଏମସିଏଲ ଚାକିରି କରି ସେକ୍ଟରରେ ଦାଦାଗିରି କରୁଥିବା ଦେଖିବାକୁ ମିଳିଛି।

କିଛିଦିନ ଧରି ପରିବହନ ସଂସ୍ଥା ଓ ସୋଲଡା ସେକ୍ଟରର ଟ୍ରକ୍ ମାଲିକଙ୍କ ମଧ୍ୟରେ ଭଡ଼ାକୁ ନେଇ ଅସନ୍ତୋଷ ସୃଷ୍ଟି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଦେଖାଦେଇଛି। ପରିବହନ ସଂସ୍ଥାର ମାଲିକ ଥାନାରେ ଅଭିଯୋଗ କରିଥିବା ଶୁଣିବାକୁ ମିଳିଛି। ଫାଷ୍ଟ କମ ଫାଷ୍ଟ ସର୍ଭିସକୁ ନ ମାନି ସୋଲଡା ସେକ୍ଟରରେ କିଛି ମୁଷ୍ଟିମେୟ ମାଲିକ ନିଜ ଗାଡିକୁ ଦୁଇ ଦୁଇଥର ସିରିଆଲ କରି ଖଣି ଭିତରେ ପ୍ରବେଶ କରୁଥିବା କିଛି ଟ୍ରକ ମାଲିକ ଅଭିଯୋଗ ଆଣିଛନ୍ତି। ପ୍ରତ୍ୟେକ ଦିନ ସିରିଆଲ ନମ୍ବର ହୋଇ ଲୋଡିଂ ହେଉଥିବାବେଳେ କିଛି ଗାଡି ମାଲିକଙ୍କ ସିରିଆଲ ଆସିଲେ ମନମୁତାବକ ଡିଓ ନ ପାଆନ୍ତି, ସେମାନେ ପୁଣି ଫର୍ଜରୀ ସିରିଆଲ କରି ତା' ପରଦିନ ସକାଳେ ଲୋଡିଂ କରିବା ପାଇଁ ଖଣି ମଧ୍ୟକୁ କିପରି ପ୍ରବେଶ କରନ୍ତି। ଏହି ଅନିୟମିତତା ନେଇ କିଛି ଟ୍ରକ ମାଲିକ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରିବା ପରେବି ପ୍ରକଳ୍ପ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ମାଲିକମାନେ ପ୍ରକାଶ କରିଛନ୍ତି। ଏ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଏହି ଅନିୟମିତତାକୁ ନେଇ ଗୋପାଳ ପ୍ରସାଦ ଥାନାରେ ଜଣାଇଛୁ। ଅନିୟମିତତା କରିଥିବା ଟ୍ରକ୍‌କୁ କଳା ତାଲିକାଭୁକ୍ତ କରିବାକୁ ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିବା ମାଲିକମାନେ ପ୍ରକାଶ କରିଛନ୍ତି। ଦେଖିବାକୁ ଗଲେ ଲିଙ୍ଗରାଜ କୋଇଲା ଖଣିରେ ଫାଷ୍ଟ କମ ଫାଷ୍ଟ ସର୍ଭି ନିୟମ କଡ଼ାକଡ଼ି ପାଳନ କରାଯାଉଥିବାବେଳେ ଅନ୍ୟ ସେକ୍ଟରରେ ତାହା ଦେଖିବାକୁ ମିଳୁନାହିଁ। ଏଥିପାଇଁ ପୁଲିସ ପ୍ରଶାସନ ତଦାରଖ କରି ତାଳଚେର ଟ୍ରକ ମାଲିକ କିପରି ସମସ୍ତ ସେକ୍ଟରରୁ ସୁଚାରୁରୂପେ ଲୋଡିଂ ପାଇବେ, ବ୍ୟବସ୍ଥା କରାଯାଉ ବୋଲି ମାଲିକମାନେ ପ୍ରକାଶ କରିଛନ୍ତି।

# ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା, ୧୮।୧୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଅଞ୍ଚଳର ପୁରାତନ ବ୍ୟବସାୟୀ ବୈରାଗୀ ଦେହୁରୀ (୭୮)ଙ୍କ ସୋମବାର ସକାଳେ ଅନୁଗୋଳର ଏକ ଘରେଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳର ଏକ ଘରେଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତଦେହ ଠାକୁରଗଡ଼ସ୍ଥ ବାସଭବନରେ ପହଞ୍ଚିବା ପରେ ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବହୁ ମାନ୍ୟଗଣ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ନେଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କର୍କଟ ପୀଡ଼ିତା ଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା,୧୮ ।୧୧(ସମିସ): କର୍କଟ ପୀଡ଼ିତ ଦଶମ ଶ୍ରେଣୀ ଛାତ୍ରୀ ଚିନ୍ମୟୀ ସାହୁଙ୍କ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। କେନ୍ଦ୍ରାପଡ଼ାର ନହଙ୍ଗ ଗ୍ରାମର ଦୀପ୍ତି ସାହୁଙ୍କ ଏକମାତ୍ର ଝିଅ ଚିନ୍ମୟୀ କର୍କଟରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗରିବ ପରିବାର ହେତୁ ଚିକିତ୍ସା ବ୍ୟୟ ବହନ କରିବା କଷ୍ଟକର ହୋଇଛି। ସେମାନେ ବ୍ୟାଙ୍କକୁ ସହାୟତା ପାଇଁ ଅନୁରୋଧ କରିଥିଲେ। ପରିବାରର ଅନୁରୋଧ ଉପରେ ବ୍ୟାଙ୍କ ସଭାପତି ତୁରନ୍ତ ପଦକ୍ଷେପ ନେବାକୁ ସିଇଓଙ୍କୁ ୫ ହଜାର ଟଙ୍କା ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୀଡ଼ିତାଙ୍କ ମାତାଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ।

ଏହି ଅବସରରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ସୁରେଶ ପରିଡ଼ା, ଭଞ୍ଜକିଶୋର ଜେନା, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୮ ।୧୧(ସମିସ): ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ (+୨) ଛାତ୍ରୀ ଶୁଭଶ୍ରୀ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଶୁଭଶ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରୀ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନିହାର ପରିଡା, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, କାର୍ଯ୍ୟାଳୟ ପ୍ରମୁଖ ଅରୁଣ ରାଉତ, ଦୟାନିଧି ସାହୁଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶୁଭଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଆଦର୍ଶ ଗାଁରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାଏତୁଣ୍ଡି ବିଦ୍ୟାଳୟର ପାଚେରି ଓ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ଗୃହ

ପଞ୍ଚୁପାଣ୍ଡବ,୧୮ ।୧୧(ସମିସ)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମ ଆଦର୍ଶ ଗାଁ ଥିବାବେଳେ ଶିକ୍ଷା ବିଭାଗ ପକ୍ଷରୁ ଅବହେଳା ହୋଇଥିବା ଦେଖିବାକୁ ମିଳୁଛି। ରାଏତୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ପାଚେରି ନ ଥିବାବେଳେ ଅଙ୍ଗନବାଡି କେନ୍ଦ୍ରର ଗୃହ ନ ଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଆସୁଥିବାବେଳେ ଏ ବିଦ୍ୟାଳୟରେ ଏଭଳି କିଛି ଆଖିଦୃଶିଆ କାମ ଦେଖିବାକୁ ମିଳୁନାହିଁ।





ବିଦ୍ୟାଳୟରେ ପାଚେରି ନ ଥିବାରୁ ଗୋରୁଗାଈ ଭିତରକୁ ପଶି ଯାଉଥିବାବେଳେ ନଳକୂପ ଏକ ପ୍ରକାର ଅଚଳ ହୋଇପଡ଼ିଥିବା ଶିକ୍ଷୟିତ୍ରୀ ଉର୍ମିଳା ସାହୁ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାବେଳେ ଦୁଇଜଣ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କୁନିକୁନି ପିଲା ପଢୁଥିବାବେଳେ ସ୍ଥାୟୀ ଘର ନ ଥିବାରୁ ପିଲାମାନେ ବାରଣ୍ଡାରେ ପାଠ ପଢୁଥିଲେ। ଏ ଖବର ଗଣମାଧ୍ୟମରେ ପ୍ରସାରଣ ପରେ ପୂର୍ବତନ ବିଇଓ ଶ୍ରୀକାନ୍ତ ବେହେରାଙ୍କ ପରାମର୍ଶକ୍ରମେ ଏହି ପ୍ରାଥମିକ ବିଦ୍ୟାଳୟର ଏକ କୋଠରୀ ଦିଆଯାଇଥିଲା। ଅଙ୍ଗନବାଡିର ନିଜସ୍ୱ ଗୃହ ନ ଥିବାରୁ କୁନି କୁନି ପିଲାଙ୍କ ପାଇଁ ଆସୁଥିବା ଚେୟାର, ଟେବୁଲ, ଖେଳଣା ଓ ବିଭିନ୍ନ ପ୍ରକାରର ଜିନିଷ ପତ୍ରରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ପାଠପଢ଼ା ଠିକ୍ ଭାବେ ହେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ଘର ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଦ୍ୟାଳୟ ଚାରିପଟେ ପାଚେରୀ ସହ ନଳକୂପ ବସାଇବା ଓ ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● କେନ୍ଦ୍ରାପଡ଼ା କଲେଜରେ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ

## ସଡ଼କ ସୁରକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା



କେନ୍ଦ୍ରାପଡ଼ା,୧୮ ।୧୧(ସମିସ):କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ "ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ' ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ଓ ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧ୍ୟାପକ ବିକାଶ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ଶାନ୍ତନୁ ଜେନା ସ୍ୱାଗତ ଭାଷଣ ରଖିଥିଲେ। ଆଇକ୍ୟୁଏସି ସଂଯୋଜିକା ଡା. ଦୀପ୍ତି ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସଡ଼କ ସୁରକ୍ଷା ନିୟମ ଅନୁସରଣର ପ୍ରାସଙ୍ଗିକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମୋଟର ଯାନ ନିରୀକ୍ଷକ ଶ୍ରୀକାନ୍ତ ଟୁଡୁ ଓ ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ ସଡ଼କ ସୁରକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜଣାଇଥିଲେ।

ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ବିଷୟକ ପ୍ରତିଯୋଗିତା ଆୟୋଜିତ ହେବା ସହିତ ସଡ଼କ ସୁରକ୍ଷାକୁ କେନ୍ଦ୍ର କରି ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମନୋଜ ଲେଙ୍କା, ଭବାନୀ ଶଙ୍କର ପ୍ରଧାନ, ଉମେଶ ଆଚାର୍ଯ୍ୟ, ପ୍ରତିଭା ରାୟ, ଅର୍ପିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଡେରାବିଶ,୧୮ ।୧୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ମହିଳା ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ଗତ ପାଞ୍ଚବର୍ଷ ହେବ ଶ୍ରମ ପରିଚୟ ପତ୍ର ଦିଆଯାଉ ନ ଥିବାରୁ ସେମାନେ ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେବା ସହିତ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା କହିଥିଲେ। ମହିଳା ନିର୍ମାଣ ଶ୍ରମିକଙ୍କ ସମସ୍ୟା, ଝିଅ ବିଭାଘର ରାଶି ପାଇବା ପାଇଁ ଆବେଦନର ସମାଧାନ କରାନଗଲେ ନିର୍ମାଣ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ହୃଷିକେଶ ଧଳ, ଚନ୍ଦ୍ରମଣି ପ୍ରଧାନ, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିବାବେଳେ ହରିହର ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ 'ସୁରଭି' ତର୍କ ପ୍ରତିଯୋଗିତାରେ ସୌମ୍ୟ ପ୍ରଥମ



ରାଜନଗର,୧୮ ।୧୧(ସମିସ): ଶିଶୁ ଦିବସ ଅବସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ବନ୍ଧପଟଣା ନୋଡାଲ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ବରିଷ୍ଠ ବର୍ଗ ତର୍କ ପ୍ରତିଯୋଗିତାରେ ପ୍ରଥମ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ ନାୟକ ସୁପର ବରିଷ୍ଠ ବର୍ଗ ପ୍ରବନ୍ଧ ଲିଖନରେ ଦ୍ୱିତୀୟ ଓ ସିଡବ୍ଲୁଏସଏନ ସୁପର ବରିଷ୍ଠ ବର୍ଗ ସଂଗୀତ ବିଭାଗରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଭକ୍ତିଲତା ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବପ୍ରସାଦ ବେହେରା, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ସେଠୀ, ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ଶିକ୍ଷକନେତା ହେମନ୍ତ ବାରିକ, ପ୍ରଶାନ୍ତ ଜେନା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ରାଜନଗର ଅଞ୍ଚଳର ବହୁ ଶିକ୍ଷାବିତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ସ୍ମୃତିଚାରଣ

ଗୋବିନ୍ଦପୁର,୧୮ ।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପେତପଡ଼ା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଜଣେ ଧର୍ମପରାୟଣ, ସମାଜସେବୀ, କର୍ତ୍ତବ୍ୟ ନିଷ୍ଠ ବ୍ୟକ୍ତି ଥିଲେ। ସେ ବିଜେଡିର ଦୃଢ଼ ସଂଗଠକ। ଧୋୟାଞ୍ଚଳର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରିବା ସହ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଗଦାଧର ପଢ଼ିହାରୀଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ପୂର୍ବତନ ସରପଞ୍ଚ ସୁରେଶ ଜେନା, ପୁରୁଷୋତ୍ତମ ପଲାଇ, ନିଖିଳ ସାମଲ, ଶରତ ନାୟକ, ପ୍ରାକ୍ତନ ଜିଲ୍ଲା ପରିଷଦ ଦେବେନ୍ଦ୍ର ନାୟକ, ସମିତି ସଭ୍ୟ ସନ୍ତୋଷ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଆଶିଷ ପ୍ରଧାନ ଓ ଅମୀୟ ପ୍ରଧାନ ସଭା ପରିଚାଳନା କରିଥିବାବେଳେ ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

ରାଜକନିକା, ୧୮ ।୧୧(ସମିସ): ଏସ୍ଏନ୍ କଲେଜରେ ସ୍ୱେଚ୍ଛାସେବୀ ସଂଗଠନ କାଡ୍ ଓ କଟକର ଷ୍ଟଲୱାଟ ଫାଉଣ୍ଡେସନର ମିଳିତ ଆୟୋଜନରେ ସମ୍ ହସ୍ପିଟାଲ-୧୧ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇ ଗ୍ରାମାଞ୍ଚଳର ୧ ହଜାରରୁ ଅଧିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି। ଶିବିରକୁ ଅଧ୍ୟକ୍ଷ ଉଦୟନାଥ ପଣ୍ଡା ଉଦଘାଟନ କରିବା ପରେ ସୋଆ ବିଶ୍ୱବିଦ୍ୟାଳୟ ଅଧୀନ ଭୁବନେଶ୍ୱର ହସ୍ପିଟାଲ ୧୧ ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପଞ୍ଜିକୃତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଛି। ଶିବିରରେ ଭେଷଜ ଡାକ୍ତର ଅଭିଜିତ ଦଳାଇ, ସର୍ଜରୀ ଡାକ୍ତର ବିକ୍ରମ ଲେଙ୍କା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଜୟଶ୍ରୀ ରାଉତ, ଅସ୍ଥିଶଲ୍ୟ ବିଭାଗର ଆଶିଷ ମିଶ୍ର, ଫୁସଫୁସ ଓ ଶ୍ୱାସ ରୋଗ ଡାକ୍ତର ସାଙ୍ଗରିକା ସାହୁ, କର୍ଣ୍ଣ, ନାସା ଓ ଗଳା ବିଭାଗର ମୃତ୍ୟୁଞ୍ଜୟ ସାମଲ, ଶିଶୁ ବିଭାଗର ଶାନ୍ତରୂପା ମହନ୍ତ, ଚର୍ମ ଓ ଯୌନ ରୋଗ ପାଇଁ ସିଦ୍ଧାର୍ଥ ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଡାକ୍ତର ଦୀପକ ପାଢୀ, ଦନ୍ତ ଓ ମୁଖ୍ୟ ଗହ୍ୱର ଡାକ୍ତର ସୁସ୍ମିତା ନାୟକ, ସ୍ନାୟୁରୋଗ ଡାକ୍ତର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ନିଦାନ ବିଭାଗର ବହୁ କର୍ମଚାରୀ, ଟେକ୍ନିସିଆନ ସେବା ପ୍ରଦାନ କରିଥିଲେ। ଆୟୋଜକ 'କାଡ' ତରଫରୁ ସଭାପତି ହଳଧର ମଲ୍ଲିକ ଓ ସମ୍ପାଦକ ଶରତ ରାଉତଙ୍କ ପରିଚାଳନାରେ ଆଡ଼ଭୋକେଟ କ୍ଷୀରୋଦ ରାଉତ, ସ୍ୱେଚ୍ଛାସେବୀ ଯତୀନ୍ଦ୍ର ରାଉତ, ପ୍ରଶାନ୍ତ ସାହୁ, ଜୟନ୍ତ ମଲ୍ଲିକ, ଅଜୟ ଜେନା, ଶରତ ବାରିକ, କିଶୋର ବେହେରାଙ୍କ ସମେତ କଲେଜର ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



## ବଡ଼କୁଳର ଯୁବ ବ୍ୟବସାୟୀଙ୍କ ବିୟୋଗ

ମହାକାଳପଡ଼ା,୧୮ ।୧୧(ସମିସ): ମହାକାଳପଡ଼ା ବ୍ଲକ ବଡ଼କୂଳ ଗ୍ରାମର ଯୁବ ବ୍ୟବସାୟୀ ନିକୁଞ୍ଜ ବେହେରା ଓରଫ ଧୁକୁଡ଼ି (୫୧)ଙ୍କ ପରଲୋକ ହୋଇଯାଇଛି। ହୃଦରୋଗରେ ଆକ୍ରାନ୍ତ ପରେ କଟକରେ ଅସ୍ତ୍ରୋପଚାର ହୋଇ ୩ ଦିନ ତଳେ ଘରକୁ ଫେରିଥିଲେ। ସୋମବାର ଅପରାହ୍ନରେ ଘରେ ଶୋଇଥିବାବେଳେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ମାର୍ଶାଘାଇ ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁବୋଧ ଲେଙ୍କା, ପ୍ରକାଶ ସ୍ୱାଇଁ, ନିହାର ଦାସ, ବିଶ୍ୱଜିତ ଲେଙ୍କା, ପରିବେଶବିତ ଅନାଦୀ ରାଉତ, ସାମ୍ବାଦିକ ପ୍ରମୋଦ ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମାଜର ଜିଲ୍ଲା ସମ୍ପାଦକ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆଳି-କନିକା ଉନ୍ନୟନ ପରିଷଦର ନିର୍ବାଚନ

ରାଜକନିକା,୧୮ ।୧୧(ସମିସ): କଟକ ଓ ଭୁବନେଶ୍ୱରରେ ଥିବା ଆଳି କନିକାର ଉତ୍ସାହୀ ସଦସ୍ୟଙ୍କ ଦ୍ୱାରା ଗଠିତ ଆଳି-କନିକା ଉନ୍ନୟନ ପରିଷଦର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ହୋଇ କର୍ମକର୍ତ୍ତା ଚୟନ କରାଯାଇଛି। କଟକରେ ଅନୁଷ୍ଠିତ ନିର୍ବାଚନରେ ପରିଷଦର ସମ୍ପାଦକ ପଦ ପାଇଁ ଭୋଟ ଗ୍ରହଣ କରାଯାଇଥିବାବେଳେ ଭାବଗ୍ରାହୀ ନାୟକ ନିର୍ବାଚିତ ହୋଇଛନ୍ତି। କେବଳ ଏହି ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ସମୁଦାୟ ୭୭ ଜଣ ବୈଧ ଭୋଟରଙ୍କ ମଧ୍ୟରୁ ୬୧ ଜଣ ଅଂଶଗ୍ରହଣ କରିଥିଲେ। ସଭାପତି ପଦବୀ ପାଇଁ ନିରଞ୍ଜନ ଜେନା, ଉପସଭାପତି ପାଇଁ ଜୟରାମ ସେଠୀ, ଯୁଗ୍ମସମ୍ପାଦକ ପାଇଁ ଗଜେନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ରଞ୍ଜନ ବେହେରା ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ।

# ବ୍ଲକ୍ ପଞ୍ଚାୟତ ପିଅନ ସଙ୍ଘ ବୈଠକ

ରାଜନଗର,୧୮ ।୧୧(ସମିସ): ରାଜନଗର ବ୍ଲକ୍ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ପିଅନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଘ ସଭାପତି ବିଷ୍ଣୁଚରଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଅନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଚାଂୟତ ପିଅନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ କରିବା, ଓଡ଼ିଶା ଗ୍ରାମପଞ୍ଚାୟତ ୨୦୧୪/୧୨୫ ନିୟମ ଉଚ୍ଛେଦ କରି ୧୯୬୪/୧୨୩ ଆଇନକୁ ବିଧାନସଭାରେ ଉପସ୍ଥାପନ କରାଯାଇ ପଞ୍ଚାୟତରେ ନିଯୁକ୍ତି ପିଅନଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ନିର୍ଦ୍ଧାରିତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ନିପୁଣ କୁଶଳୀ ବର୍ଗରେ ସାମିଲ କରାଯାଇ ଦୈନିକ ସର୍ବନିମ୍ନ ମଜୁରି ୬ ଶହ ଟଙ୍କା ପ୍ରଦାନ ନିମନ୍ତେ ପଞ୍ଚାୟତକୁ ସର୍କୁଲାର ପଠାଇବା ପାଇଁ ଆଲୋଚନା କରାଯାଇଥିଲା। ମାସକୁ ସର୍ବନିମ୍ନ ଦରମା ୧୮ ହଜାର ଟଙ୍କା ପ୍ରଦାନ କରିବା, ପଞ୍ଚାୟତ ବିଧି ବ୍ୟବସ୍ଥାରେ ପିଅନଙ୍କୁ ଅର୍ନ୍ତଭୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ପଞ୍ଚାୟତିରାଜ ବିଭାଗରେ କର୍ମଚାରୀଙ୍କ ତାଲିକାକୁ ପଞ୍ଜୀକରଣ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ପଞ୍ଚାୟତିରାଜ ଓ ଅର୍ଥ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ସଂଘ ପ୍ରତିନିଧିଙ୍କୁ ନେଇ ହାଇପାୱାର କମିଟି ଗଠନ, ଅର୍ଥ ବିଭାଗରେ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଭିତ୍ତିରେ ପଦୋନ୍ନତି ଦେବା, ୬୦ ବର୍ଷ ପରେ ପେନସନ ବ୍ୟବସ୍ଥା କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା।



ସଂଘ ସଂପାଦକ ବଳରାମ ରାଉତଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାମ୍ବାଦିକ ବିଜୟ କୁମାର ଗୁପ୍ତା ଓ ଦୋଳଗୋବିନ୍ଦ ଜେନା ଯୋଗଦେଇ ପଞ୍ଚାୟତ ପିଅନଙ୍କ ଦାବି ଯଥାର୍ଥ, ସରକାର ବିଚାର କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସରକାର ପିଅନଙ୍କୁ ଅବହେଳା କରୁଥିବା ନେଇ ଝାଞ୍ଜ ଓ ଖୋଳ ବଜାଇ ଅଭିନବ ଉପାୟରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କମଳାକାନ୍ତ ରାଉଳ, ଅର୍ଜୁନ ବେହେରା, ପ୍ରତାପ ଖଣ୍ଡୁଆଳ, ବାସୁଦେବ ଜେନା, ପାରେଶ୍ୱର ଜେନା, କମଳାକାନ୍ତ ସାହୁ, ଅଚ୍ୟୁତ ଚଣ୍ଡ, ସୁଶାନ୍ତ ଦାସ, ଅଜେଶ ସ୍ୱାଇଁ, ପିଣ୍ଟୁ ପୃଷ୍ଟି, ଦିଲ୍ଲୀପ ମାଝି, ଶରତ ରାଉତ, ପ୍ରହଲ୍ଲାଦ ପରିଡା, ତାପସ ମଣ୍ଡଳ, ରାଜେନ୍ଦ୍ର ଗିରି, ପ୍ରମୋଦ ବାରିକ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ପ୍ରକାଶ ଖିଲାର, ଚନ୍ଦ୍ରଶେଖର ମହାନ୍ତି, ବିଚିତ୍ର ସାହୁ, ବାସୁଦେବ ସାହୁ, ପଞ୍ଚାନନ ବାରିକଙ୍କ ସହ ସମସ୍ତ ପିଅନ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

ରାଜନଗର,୧୮ ।୧୧(ସମିସ): ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ପରିବାରର ୧୦ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଫକୀର ବିଶ୍ୱାଳ, ଘନଶ୍ୟାମ ବିଶ୍ୱାଳ ଓ ପବିତ୍ର ବିଶ୍ୱାଳଙ୍କ ଘର ସହିତ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାସପତ୍ର ପୋଡି ପାଉଁଶ ହୋଇଥିଲା। ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତ ପହଞ୍ଚି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ପାଲ ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ରାଉତଙ୍କ ସହିତ ବରିଷ୍ଠ କଂଗ୍ରସ ନେତା ଦାମୋଦର ବିଶ୍ୱାଳ, ନାରାୟଣ ଦାସ, ବିକାଶ ସେଠୀ, ପ୍ରକାଶ ସେଠୀ, ସମାଜସେବୀ ଦୀନବନ୍ଧୁ ନାୟକ, ସୁଶୀଲ ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ।

## ୨୯ ନଂ ଜୋନ୍‌ରେ ସାଂସଦ ଖେଳ ମହୋତ୍ସବ

ରାଜକନିକା,୧୮ ।୧୧(ସମିସ): ତରାସ ଖେଳ ପଡିଆ ରେ ୨୯ ନମ୍ବର ଜୋନ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି। ରାଜକନିକା ବିଡିଓ କୈଳାସ ମହାଳିକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଜେପିର ବରିଷ୍ଠ ନେତା ଭକ୍ତବନ୍ଧୁ ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ରାଜକନିକା ଏବିଓ କୈଳାସ ଚନ୍ଦ୍ର ସାହୁ, ୨୯ ନମ୍ବର ଜୋନ ସଭାପତି ଦିଲ୍ଲୀପ ପରିଡ଼ା, ସିଲୁ ସିଂହ, ଅଞ୍ଚଳ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଖେଳ ମହୋତ୍ସବରେ ଜୁନିୟର, ସିନିୟର ଦୁଇଟି ବିଭାଗରେ ପ୍ରତିଯୋଗୀ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ ଥ୍ରୋ, କବାଡି, ଭଲିବଲ ଖେଳ ଅନୁଷ୍ଠିତ ହୋଇଥିଲା।

# କୂଳଲଙ୍ଘୁଛି ସମୁଦ୍ର, ଚିନ୍ତାରେ ଉପକୂଳିଆ ଗାଁ ଲୋକେ

ରାଜନଗର,୧୮ ।୧୧(ସମିସ)

ରାଜନଗର ବ୍ଲକ୍ ପେଣ୍ଠ ନିକଟରେ କୂଳ ଲଙ୍ଘୁଛି ସମୁଦ୍ର। ଉଗ୍ର ମୁଖା ହୋଇ ସ୍ଥଳଭାଗ ଆଡ଼କୁ ମାଡ଼ିଆସୁଛି। ସୁରକ୍ଷା ଯୋଗାଇ ଦେବାକୁ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବାରେ ଲାଗିଛି। ଫଳରେ ରାଜନଗର ବ୍ଲକ୍‌ର ସମୁଦ୍ର କୂଳିଆ ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି। ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥର ବନ୍ଧ ବା ଜିଓ ଟ୍ୟୁ ୱାଲ୍। ଏହି ପଥର ବନ୍ଧ ୫ ଫୁଟ ଦବିଯିବା ସହ ପଥରକୁ ସମୁଦ୍ର ତା' ଗର୍ଭକୁ ଟାଣି ନେଉଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

ପୂର୍ବରୁ ସାତଭାୟାର ସାତଟି ଗାଁ ସମୁଦ୍ରର କରାଳ ଗ୍ରାସରେ ଲୀନ ହୋଇଥିବାବେଳେ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏବେ ପେଣ୍ଠଠାରେ ସମୁଦ୍ରର



ଉଗ୍ରରୂପ ରାଜନଗର ପାଇଁ ବିପଦ ସୃଷ୍ଟି କରିବ। ପେଣ୍ଠଠାରେ ଦ୍ରୁତ ଗତିରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ୨୦୧୬ରେ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ପ୍ରଥମ, ଭାରତର ଦ୍ୱିତୀୟ ଜିଓଟ୍ୟୁବ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଯାହା ପେଣ୍ଠ ଗାଁ ସହିତ ସ୍ଥାନୀୟ ଅଞ୍ଚଳକୁ ସୁରକ୍ଷା ଦେବ। ସେହି ପଥର ବନ୍ଧ ଏବେ ଦବିବାରେ ଲାଗିଛି। କେବଳ ପେଣ୍ଠ ନୁହେଁ ସମୁଦ୍ର କୂଳେ କୂଳେ ଅନେକ ସ୍ଥାନରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ବଡ଼ ବଡ଼ ପଥର ପକାଇ ଏହାର ସ୍ଥାୟୀ ସମାଧାନ ସହ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପଥର ବନ୍ଧ ଧସିବା ପରେ ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ ପେଣ୍ଠରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ତୁରନ୍ତ ମରାମତି ଓ ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ରାଜନଗର ପ୍ରତି ସମୁଦ୍ର ବିପଦ ସୃଷ୍ଟି କରୁଥିବାବେଳେ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏ ଅଞ୍ଚଳର ସୁରକ୍ଷା ପାଇଁ ପଦକ୍ଷେପ ନ ନେଲେ ରାଜନଗର ବ୍ଲକର ବହୁ ସ୍ଥାନ ଜଳମଗ୍ନ ହୋଇଯିବ ବୋଲି ସ୍ଥାନୀୟବାସିନ୍ଦା ଶରତ ତ୍ରିପାଠୀ, ଅଲେଖ ପରିଡ଼ା, ଘନଶ୍ୟାମ ବଳ, ପ୍ରଫେସର ସତ୍ୟବାଦୀ ଜେନା, ଶରତ ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ, ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।

-ନେଲସନ ମଣ୍ଡେଲା

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜୀକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୯୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜୀକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡ଼ୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣମୂଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଉର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଞ୍ଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଞ୍ଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଉର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣ୍ଡୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧ୍ୟ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୦୦୭

# ଅପମିଶ୍ରଣର ସାମ୍ରାଜ୍ୟ

**ସୁଧାଂଶୁ ପାତ୍ର**

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

## ଲୋକକଥାରେ ଲୋକଦେବତା

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

**ସ୍ୱପ୍ନେଶ୍ୱର**

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେବଳ ଭାଷଣବାଜିରେ ସୀମିତ ସରକାରଙ୍କ କାର୍ଯ୍ୟକ୍ରମ : ବିଜେଡି

■ ରାଜ୍ୟ ଛାଡୁଛନ୍ତି ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଶିଳ୍ପ ଅନୁଷ୍ଠାନ
■ ଅହେତୁକ ବଢ଼ିଛି ରାଜ୍ୟରେ ଖଣିଜ ପଦାର୍ଥର ଚୋରା କାରବାର

ଭୁବନେଶ୍ୱର,୧୮।୧୧(ସମିସ): ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟକ୍ରମରେ ମନ୍ଥରତାକୁ ନେଇ ବ୍ୟକ୍ତ କରିଥିବା ଚିନ୍ତାକୁ ନେଇ କଠୋର ସମାଲୋଚନା କରିଛି ବିଜେଡି। ରାଜ୍ୟରେ ସରକାର ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି ଓ ବିକାଶମୂଳକ କାମ ବନ୍ଦ ହୋଇ ଯାଇଛି ଉପରେ ପ୍ରତିକ୍ରିୟା ରଖିଛି ବିଜେଡି। ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ହୋଇ ରହିଛି, ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୧୭ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମହୋଦୟ ଉଠାଇଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କରିଛି। ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି ଯେ ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଥିବା କଥାକୁ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ସେହିପରି ଚୋରା ମଦ କାରବାରକୁ ରୋକିବା ପାଇଁ ଦେଇଥିବା ନିର୍ଦ୍ଦେଶ ମଧ୍ୟ ରାଜ୍ୟରେ ଚାଲୁଥିବା ଚୋରା ମଦ କାରବାରକୁ ସ୍ୱୀକାର ସଦୃଶ ହୋଇଛି। ବିଜେପି କ୍ଷମତାକୁ ଆସିବାର କିଛି ମାସ ପରେ ଗଞ୍ଜାମ ଜିଲ୍ଲାରେ ଚୋରା ତଥା ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସରକାର ରାଜ୍ୟରେ ଚୋରା ମଦ କାରବାରକୁ ରୋକିବାରେ ସଫଳ ହୋଇ ନାହାନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଉପଲବ୍ଧି ବୋଲି ଦାବି କରିଥିବା ବେଳେ ବାସ୍ତବରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଇଟାଟିଏ ପଡ଼ିପାରି ନାହିଁ। ଅପରପକ୍ଷରେ ପୂର୍ବ ବିଜେଡି ସରକାରଙ୍କ ଶିଳ୍ପୋନ୍ନୟନ ପାଇଁ ବୁଝାମଣା କରିଥିବା ଜେଏସଡବ୍ଲ୍ୟୁ ଭଳି କାରଖାନା, ଆର୍ସେଲର ମିତ୍ତଲ ଇସ୍ପାତ କାରଖାନା, ଏସ ରାମ ଏନ ରାମ ସେମି କଣ୍ଡକ୍ଟର କମ୍ପାନୀ ଅନ୍ୟ ରାଜ୍ୟକୁ ଚାଲି ଯାଇଥିବା ସୂଚନା ମିଳିଛି। ମାତ୍ର ସରକାର ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

### ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା


## ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

### ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮ ।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର



■ ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
■ ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ ବସା ମଙ୍ଗଳବାର ଅପରାହ୍ଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍‌ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ। ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ■ ଆଇନଜୀବୀ ପୀତବାସ ହତ୍ୟା ମାମଲା

## ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

ପିଟିସନ ଉପରେ ଶୁଣାଣି ସହ ରାୟ ପ୍ରକାଶ ଆଜି

ବ୍ରହ୍ମପୁର, ୧୮ ।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଲେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ତାଙ୍କ ଓକିଲ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ସମ୍ବିଧାନର ଧାରା ୨୧ ଓ ୨୨ ଅନୁଯାୟୀ ମଦନ ଦଲେଇଙ୍କ ନାମରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ୧୬୧ରେ ରେକର୍ଡ ହୋଇଥିବା ବୟାନରେ ମଧ୍ୟ ତାଙ୍କ ନାମ ନଥିବା ଦର୍ଶାଇଛନ୍ତି ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ। ସେହିଭଳି ଭାରତୀୟ ନ୍ୟାୟସଂହିତାର ଧାରା ୪୭ ଓ ୪୮ ପ୍ରକାରେ ମଧ୍ୟ ପୁଲିସ ମଦନଙ୍କୁ ଗିରଫ ସମୟରେ କୌଣସି ଉଚିତ ତଥ୍ୟ ଓ କାରଣ ଉପସ୍ଥାପନ କରିନଥିବା ସେ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି। ଏହି ପିଟିସନ୍ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିବା ବେଳେ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଫଳରେ ଏହି ପିଟିସନ୍ ଉପରେ ଆସନ୍ତା ବୁଧବାର ୧୯ ତାରିଖରେ ଶୁଣାଣି ସହ ରାୟ ପ୍ରକାଶ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁରୂପ ଏକ ପିଟିସନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ମଧ୍ୟ ପୂର୍ବରୁ ଦାଖଲ ହୋଇଥିବା ବେଳେ କୋର୍ଟ ତାହାକୁ ନିଜର କ୍ଷମତା ବାହାରେ ଦର୍ଶାଇ ଖାରଜ କରିଥିଲେ। ବର୍ତ୍ତମାନ ଏହି ପିଟିସନର ଶୁଣାଣି ପରେ କି ରାୟ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଆନ୍ଧ୍ରରେ ହେବ...

କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ। ଏହି ୟୁନିଟ୍‌ରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟ୍ରି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

### ଏସ୍‌ସିବିରେ ଲଜ୍ଜା...

ଏସ୍‌ସିବି ପରିସରରେ ପୁଲିସ ଚଢ଼଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସକୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ସାଲିଆସାହିରେ ବୁଲିଲା...

ବେହୋସ ହୋଇ ଯାଇଥିବା ଦେଖିବାକୁ ମିଳିଛି । ସେହିପରି କିଛି ଲୋକ ବୁଲଡୋଜର ଆଗରେ ଶୋଇ ବସ୍ତି ଭାଙ୍ଗିବାର ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଘର ଭଙ୍ଗା ସମୟରେ ଅନେକ ବସ୍ତିବାସିନ୍ଦା ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ପୂର୍ବ ସରକାର ଯୋଗାଇ ଦେଇଥିବା ଘରକୁ ନ ଯିବାକୁ ଭୋଟବେଳେ ସେମାନଙ୍କୁ ସାଂସଦ ଅପରାଜିତା ପରାମର୍ଶ ଦେବା ସହ ବିଜେପି ସରକାର ଆସିଲେ ୬୦୦ ବର୍ଗଫୁଟ ଜମି ଦିଆଯିବ ବୋଲି କହିଥିଲେ। ମାତ୍ର ନିର୍ବାଚନ ପରେ ତାଙ୍କର ଆଉ ଦେଖା ମିଳୁନାହିଁ; ତାଙ୍କୁ ଭେଟିବାକୁ ଚାହିଁଲେ ବି ଭେଟ ହେଉନାହିଁ। ୬୦୦ ବର୍ଗଫୁଟ ଜମି କେବେ ମିଳିବ ତାହା ଜଣାପଡୁନାହିଁ ବୋଲି ଅନେକ ବସ୍ତିବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ଘର ଭଙ୍ଗା ଯାଇଛି ସେମାନେ ପୂର୍ବରୁ ସରକାରଙ୍କ ଠାରୁ ଘର ପାଇ ସାରିଛନ୍ତି। ହେଲେ ସେଠାରେ ନ ରହି ପୁଣି ବସ୍ତିରେ ରହୁଛନ୍ତି। ଉଚ୍ଛେଦ ପରିବାରଙ୍କ ୭ଦିନ ରହିବା ଖାଇବା ପାଇଁ ବ୍ୟବସ୍ଥା ସହ ସେମାନଙ୍କୁ ଘର ଆଲଟ୍ କରାଯାଇଛି। ଜିନିଷ ସ୍ଥାନାନ୍ତର କରାଯିବାକୁ ବ୍ୟବସ୍ଥା ସହ ଘର ପୂଜା ପାଇଁ ମଧ୍ୟ ବନ୍ଦୋବସ୍ତ ହୋଇଥିବା ଅଧିକାରୀମାନେ କହିଛନ୍ତି। ସରକାର ସେମାନଙ୍କୁ ଘର ଯୋଗାଇ ଦେଇଛନ୍ତି; କିନ୍ତୁ ସେମାନେ ଘର ଭଡ଼ାରେ ଲଗାଇ ଏଠାରେ ରହୁଛନ୍ତି। ନୂଆ ରାସ୍ତା ଏହି ବସ୍ତି ମଧ୍ୟ ଦେଇ ଯିବାର ଯୋଜନା ରହିଛି ତେଣୁ ୫୨୧ ଘର ଉଚ୍ଛେଦ କରାଯିବ। ତେବେ ଉଚ୍ଛେଦ ସମୟରେ ସମସ୍ତଙ୍କ ସହଯୋଗ ରହିଥିବା ବେଳେ କେତେକ ବ୍ୟକ୍ତିଗତ ଭାବେ ବିରୋଧ କରୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଉଚ୍ଛେଦ ପରେ ଶୀତ ରାତିରେ ପିଲାଛୁଆଙ୍କ ସମେତ ବୟସ୍କ ବ୍ୟକ୍ତିମାନେ ମଧ୍ୟ ଖୋଲା ଆକାଶ ତଳେ ଶୋଇଥିବା ଦେଖିବାକୁ ମିଳିଛି।

### କୁଖ୍ୟାତ ମାଓନେତା...

ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼୍‌ମାକୁ ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତି ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼୍‌ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼୍‌ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼୍‌ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ଼୍‌ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ଼୍‌ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

### ଅକାଠୁଆ ଶୀତ...

ଆସନ୍ତା ୭ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ। ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି। ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୁବାଶାସନ ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | **୧) ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/ ୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/ ୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**
**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**
**I, Jaiga Sahu,** W/o.: Brahmananda Sahu, Permanent resident of At/ PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: **6016,** sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**
By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY,** S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist- Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.
(Sd- **DEBDAS RAY**)

**AFFIDAVIT**
By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.

**AFFIDAVIT**
I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**
I, PURANDARA SAHU, aged about 42 years, S/o- Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**
By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o- Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT**
By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.
**Pramodini Naik**

**AFFIDAVIT (for Minor)**
By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o- Biranchi Jani, At- Baguda, Po.- Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.
Rajesh Jani

**AFFIDAVIT**
I, Swetapadma Patnaik, aged about 46 years, W/o-shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps-Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**
By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.
**Brundabana Rana**

**AFFIDAVIT**
Bikash kumar Agarwalla, S/O- Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.

# ଚୋରି ସାମଗ୍ରୀ ଉଦ୍ଧାର; ନାବାଳକ ସହ ଦୁଇ ଗିରଫ



ଆଠଗଡ଼,୧୮।୧୧(ସମିସ): ଚଳିତ ମାସ ୯ ତାରିଖରେ ଆଠଗଡ଼ ଥାନା ଅନ୍ତର୍ଗତ ବଡ଼ଭୂଇଁ ଗ୍ରାମରେ ହୋଇଥିବା ଏକ ଚୋରି ମାମଲାରେ ଜଣେ ନାବାଳକ ସହିତ ଦୁଇ ଜଣଙ୍କୁ ଗିରଫ କରିଛି ଆଠଗଡ଼ ପୁଲିସ। ସେମାନଙ୍କଠାରୁ ଚୋରି ହୋଇଥିବା ଜିନିଷ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ନଭେମ୍ବର ୯ ତାରିଖରେ ଗ୍ରାମର ସ୍ୱର୍ଗତ ତ୍ରୈଲୋକ୍ୟ ପ୍ରଧାନଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ଘରେ କେହି ନ ଥିବା ବେଳେ ବିଳମ୍ବିତ ରାତିରେ ସେହି ଗ୍ରାମର ଲିଟୁ ଓରଫ୍ ରାଜୀବ ଲୋଚନ ପ୍ରଧାନ ଅନ୍ୟ ଜଣେ ନାବାଳକ ସହ ମିଶି ସୁନା ଚୁଡ଼ି, କାନଫୁଲ, ସ୍ମାର୍ଟ ୱାଚ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ବାସନକୁସନ ଚୋରି କରିନେଇଥିବା ଆଠଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ଆଠଗଡ଼ ପୁଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ଲିଟୁ ଓରଫ୍ ରାଜୀବ ଲୋଚନ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଥାନାଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୧୮।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ସାଧୁପୁରର ପୂର୍ବତନ ୱାର୍ଡସଭ୍ୟ ବୈରାଗୀ ଚରଣ ସ୍ୱାଇଁ (୯୫)ଙ୍କ ବାସଭବନରେ ପରଲୋକ ହୋଇଛି। ସେ ଏହି ପଞ୍ଚାୟତରେ ୫ ଥର ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କୁ ସେବା ଯୋଗାଇଥିବାରୁ ତାଙ୍କ ବିୟୋଗରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରେବତ ସ୍ୱାଇଁଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ବକେୟା ଅର୍ଥ ପାଇଁ ବିଦ୍ୟୁତ ବିଚ୍ଛିନ୍ନ କଲା ଟାଟା ପାୱାର

# ୩ ପଞ୍ଚାୟତର ଲୋକେ ପାନୀୟଜଳରୁ ବଞ୍ଚିତ

ଭଦ୍ରେଶ୍ୱର,୧୮।୧୧(ସମିସ): ମାହାଙ୍ଗା ବ୍ଲକ ପ୍ରଶାସନ ଟାଟା ପାୱାରର ବକେୟା ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ କରିଥିବା ଯୋଗୁଁ ସଂସ୍ଥା ତରଫରୁ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯାଇଛି। ଯାହାଫଳରେ ୩ଟି ପଞ୍ଚାୟତର ଲୋକେ ୩ ଦିନ ହେଲା ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ମାହାଙ୍ଗା ବ୍ଲକର ଲକ୍ଷ୍ମୀନାରାୟଣପୁରଠାରେ ପ୍ରାକ୍ତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀଙ୍କ ଦୃଢ଼ ପଦକ୍ଷେପ ଯୋଗୁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପଟି ଗତ ୧୯୯୭ ମସିହା ଜାନୁଆରୀ ୪ ତାରିଖ ଉଦଘାଟିତ ହୋଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ପୋତାମାରାଇ, ହଳଦିଆ, ପାଇକରାପୁର ଗ୍ରାମପଞ୍ଚାୟତର ଲକ୍ଷ୍ମୀନାରାୟଣପୁର, ରଘୁନାଥପୁର, କୁସୁନପୁର, ବିଦ୍ୟାଧରପୁର, ଇତୁକୁରା ପ୍ରଭୃତି ବହୁ ଗ୍ରାମର ଶହ ଶହ ଲୋକେ ପାନୀୟ ଜଳ ପାଇ ଆସୁଥିଲେ। ତେବେ ମାହାଙ୍ଗା ଟାଟା ପାୱାର ତରଫରୁ ଏହି ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇଥିଲା। ତେବେ ବ୍ଲକ ପ୍ରଶାସନ ତରଫରୁ ସଠିକ ସମୟରେ ଟାଟା ପାୱାରକୁ ବକେୟା ବିଦ୍ୟୁତ ଦେୟ ପ୍ରଦାନ କରାଯାଇ ନ ଥିବା କାରଣରୁ ଟାଟା ପାୱାର ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯାଇଥିବାର ଅଭିଯୋଗ ହୋଇଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବା କାରଣରୁ ଗତ ୩ ଦିନ ହେଲା ଏହି ୩ଟି ପଞ୍ଚାୟତର ଶହ ଶହ ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ଚରମ ହଟହଟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଲୋକେ ପାନୀୟ ଜଳ ନ ପାଇବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଖୋଦ ମାହାଙ୍ଗା ଜନପ୍ରତିନିଧିଙ୍କ ପଞ୍ଚାୟତରେ ଲୋକେ ପାନୀୟ ଜଳ ନ ପାଇବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା ବେଳେ ବିଧାୟକଙ୍କ ପାରିବା ପଣିଆ ପୁଣି ଥରେ ପଦାରେ ପଡ଼ିଛି। ତେବେ ପ୍ରଶାସନ ତରଫରୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।



## ଟାଙ୍ଗୀରେ ଶିଶୁ ମହୋତ୍ସବ ଉଦଯାପିତ



ଟାଙ୍ଗୀ,୧୮।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ବିଦ୍ୟାପୀଠ ପରିସରରେ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଶିଶୁ ମହୋତ୍ସବ ୨୦୨୫ ତଥା ରାଜ କିଶୋର ରାମ ସ୍ମାରକୀ ପୁରସ୍କାର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସଂଘର ସମ୍ପାଦକ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ଚୌଦ୍ୱାର ବ୍ଲକ ବିଡିଓ ଏନ୍ ରାଜଲକ୍ଷ୍ମୀ, ସମ୍ମାନିତ ଅତିଥି ଭାବେ ଏବିଡିଓ ଶାଶ୍ୱତ କୁମାର ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେନ୍ଦ୍ର ଘଡେଇ, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ, ପ୍ରତିମା ପ୍ରିୟଦର୍ଶିନୀ ଗାନ, ଇନ୍ଦିରା ପ୍ରିୟଦର୍ଶିନୀ ରାମ ଓ ସିଆରସିସି ଭକ୍ତ ବଲ୍ଲଭ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ସେହିପରି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ବାପୁପ୍ରାୟ ରଘୁପତି ରାମ ଓ ସମ୍ମାନିତ ଅତିଥି ଭାବେ ସକାଳର ସାମ୍ବାଦିକ ଗଙ୍ଗାଧର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଅଶୋକ ପୃଷ୍ଟି ପରିଚାଳନା କରିଥିବାବେଳେ ଅଜୟ ପୃଷ୍ଟି, ବାବାଜୀ ଚରଣ ମହାନ୍ତି, ଲକ୍ଷ୍ମୀ ନାରାୟଣ ଦାସ, ନାରାୟଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ଶତ୍ରୁଘ୍ନ ସାହୁ, ଅକ୍ଷୟବଟ ସ୍ୱାଇଁ ଓ ଦାଲିପ ମହାନ୍ତିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଟାଙ୍ଗୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଲାଲା ଲଜପତ ରାୟଙ୍କ ବଳିଦାନ ଦିବସ



ଚୌଦ୍ୱାର,୧୮।୧୧(ସମିସ): ମହାନ୍ ସଂଗ୍ରାମୀ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ୯୭ତମ ବଳିଦାନ ଦିବସ ଚୌଦ୍ୱାରରେ ପାଳିତ ହୋଇଯାଇଛି। ଲୋକ ସେବକ ମଣ୍ଡଳ ସାଧାରଣ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ସାଇକଲ ଶୋଭାଯାତ୍ରା କଟକ ଗୋପବନ୍ଧୁ ଭବନରୁ ବାହାରି ଚୌଦ୍ୱାର ସ୍ଥିତ ଶିଶୁ ସଦନରେ ପହଞ୍ଚିବା ପରେ ଶିଶୁ ସଦନ ତରଫରୁ ଯୁବ ଶୋଭାଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଡ. ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି ଉପଲକ୍ଷେ ଆୟୋଜିତ ସଭାରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଚୌଦ୍ୱାର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ ସାହୁ, ଶିକ୍ଷାବିତ ରବୀନ୍ଦ୍ର ସାହୁ ପ୍ରମୁଖ ଲାଲାଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତମାତାର ସୁରକ୍ଷା ଓ ବିକାଶ ଦିଗରେ ଯୁବପିଢ଼ୀ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମହେଶ ମଲ୍ଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ଯୁବବର୍ଗଙ୍କୁ ସମ୍ବର୍ଦ୍ଧନା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ଦାଶ, ଲଲାଟେନ୍ଦୁ ପ୍ରଧାନ, ଗୋଲକ ଚନ୍ଦ୍ର ମହାପାତ୍ର, ଅଞ୍ଜନ ନାୟକ, ଜିଷ୍ଣୁ ପ୍ରକାଶ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

ନିଶ୍ଚିନ୍ତକୋଇଲି,୧୮।୧୧(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ରାଜ୍ୟ ଗୃହ ବିଭାଗ ଏବଂ ଓଡ଼ିଶା ପୁଲିସ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସାଇବର ସେଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ନିରଞ୍ଜନ ଶବର ଯୋଗଦେଇ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସାଇବର ଠକେଇର କାରଣ, ନିରାପତ୍ତା ଓ ସୁରକ୍ଷାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିବା ସହ ସମସ୍ତଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁଲିସ ଇନସପେକ୍ଟର ଚିନ୍ମୟା କର, ସବ୍ ଇନସପେକ୍ଟର ଉଦୟ ଦାସ ଯୋଗଦେଇଥିଲେ। ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶିଶିର ସାହୁ, ଅଧ୍ୟାପକ ପ୍ରଦୀପ୍ତ ମହାନ୍ତି, ଡ.ବିଶ୍ୱଜିତ୍ ବେହେରା, ଅଧ୍ୟାପିକା ମଧୁସ୍ମିତା ପାଲ, ଐଶ୍ୱର୍ଯ୍ୟା ଦାସ, ପ୍ରିୟଙ୍କା ପାୟଲ, ସୁଲତାନା ନସରିନ, ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ଯୁଗାନ୍ତର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଇବର ସୁରକ୍ଷା ସଚେତନତା ରଥ ଓ ମାଷ୍ଟର ସାଇରା ପରିକ୍ରମା କରିଥିଲା।




## ସମାଜସେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନେମାଳ,୧୮।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳଠାରେ ସମାଜସେବୀ, ତଥା ସୁସଂଗଠକ ବଳରାମ ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଯୋଗଦେଇ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ସ୍ୱର୍ଗତ ପତିଙ୍କୁ ଜଣେ ନିଷ୍ପାପର ସମାଜସେବୀ, ସୁସଂଗଠକ ଓ ବିଶ୍ୱସ୍ତ ବନ୍ଧୁ ଭାବରେ



ଅବତାରଣା କରିଥିଲେ। କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଇଂ ଆକାଶ ଭୂୟାଁ, ରତ୍ନାକର ବେହେରା, ରାମଚନ୍ଦ୍ର ଗୋଛାୟତ, ପ୍ରତାପ ମଲ୍ଲିକ, ରମାକାନ୍ତ ବେହେରା, ମଦନ ଦେ, ବସନ୍ତ ବେହେରା, ପ୍ରହ୍ଲାଦ ଜେନା, କୃଷ୍ଣଚନ୍ଦ୍ର ନାୟକ, ବିନୟ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱରଞ୍ଜନ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗୀତା ପାଠ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟସେବା ଶିବିର




ସାଲେପୁର,୧୮।୧୧(ସମିସ): ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ଏଲାମୁରଠାରେ ଥିବା ଦୁଃଖଶ୍ୟାମା ବୃଦ୍ଧାଶ୍ରମରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରୋଟାରୀ ଅଭିନବର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ସାଲେପୁର ଅଞ୍ଚଳର ଯୁବ ଡାକ୍ତର ସନତ୍ ଶୁଭମ୍ ମିଶ୍ରଙ୍କ ସହଯୋଗରେ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡା. ଶ୍ରୀ ମିଶ୍ର ପ୍ରତିମାସରେ ଏହି ଅନ୍ତେବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଡାକ୍ତର ଶ୍ରୀ ମିଶ୍ର ଆଶ୍ରମ ଅନ୍ତେବାସୀଙ୍କ ପାଇଁ ଚାଉଳ, ଡାଲି ଇତ୍ୟାଦି ପ୍ରଦାନ କରିଥିଲେ। ସେହିପରି ରୋଟାରୀ ଅଭିନବ ପକ୍ଷରୁ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବିରଞ୍ଚି ନାରାୟଣ କର, ବାରିଗୋଳ ପଞ୍ଚାୟତର ସମାଜସେବୀ ପରମାନନ୍ଦ ପଲେଇ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ତହସିଲରେ ପ୍ରତୀକ୍ଷା ଗୃହ ନିର୍ମାଣ ଦାବି



କିଶନନଗର,୧୮।୧୧(ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ତହସିଲରେ ଆବଶ୍ୟକତା ଦୃଷ୍ଟିରୁ ଲୋକମାନଙ୍କ ପାଇଁ ପ୍ରତୀକ୍ଷା ଗୃହ ନିର୍ମାଣ ପାଇଁ ଦାବି ଜୋର ଧରିଛି। ତହସିଲ କାର୍ଯ୍ୟ ସହିତ ତହସିଲ କାର୍ଯ୍ୟାଳୟରେ ଏବେ ଖୋଲାଯାଇଥିବା ଉପନିବନ୍ଧକ କାର୍ଯ୍ୟାଳୟକୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ପ୍ରତୀକ୍ଷାଳୟ ନ ଥିବାରୁ ଖରା ବର୍ଷାରେ ଗଛମୂଳେ ଥିବା ପିଣ୍ଡି ଉପରେ ଦୟନୀୟ ଅବସ୍ଥାରେ ଅପେକ୍ଷା କରି ବସି ରହୁଥିବା ଦେଖିବାକୁ ମିଳୁଛି। କଟକ ସଦର ବିଧାୟକ ଙ୍କ ପ୍ରାଣାଙ୍କ ନିଜ ପଞ୍ଚାୟତ କିଶନନଗର ତହସିଲରେ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ବିଧାୟକ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ନିଶ୍ଚିନ୍ତକୋଇଲି,୧୮।୧୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଜନାର୍ଦ୍ଦନପୁର କୁସ୍ତରରେ ଥିବା ତ୍ରିଲୋଚନ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀକୁ ସିଆରସିସି ଉମେଶ ଚନ୍ଦ୍ର ରାଉତ ଉଦଘାଟନ କରିଥିଲେ। ବିଭିନ୍ନ ଶ୍ରେଣୀରୁ ଛାତ୍ରଛାତ୍ରୀ ୩୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ କରାଇଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ନାୟକଙ୍କ ସଂଯୋଜନାରେ ବିଜ୍ଞାନ ଶିକ୍ଷକ ବିଶ୍ୱମ୍ଭର ରାଉତ, ସୁଶାନ୍ତ ନାୟକ, ରବିନ୍ଦ୍ର ବେହେରା, ମୋହନ ଚରଣ ବେହେରା, ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ତେବାସ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶୋଭାରାଣୀ ମଲିକ, ସଚ୍ଚିଦାନନ୍ଦ ରାଉତ ବିଚାରକ ଭାବେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବରିଷ୍ଠ ବିଭାଗରେ ଆତ୍ୟାଶା ବେହେରା ସ୍ମାର୍ଟ ସିଟି ପ୍ରକଳ୍ପ ଓ କନିଷ୍ଠ ବିଭାଗରେ ପ୍ରାପ୍ତିପ୍ରଜ୍ଞା ଚାନ୍ଦ ଏୟାର ପଲ୍ୟୁସନ ପ୍ରକଳ୍ପ ପ୍ରଦର୍ଶିତ କରି କୃତିତ୍ୱରେ ମନୋନୀତ ହୋଇଛନ୍ତି।




# ଡ୍ରିମ୍ସରେ ଏମ୍‌ବିବିଏସ୍ ବିଦ୍ୟାର୍ଥୀଙ୍କ ସଂକଳ୍ପ ପାଠ ଉତ୍ସବ

କଟକ,୧୮।୧୧(ସମିସ): ଡାକ୍ତରୀ ବୃତ୍ତିରେ ରହିଛି ସ୍ୱତନ୍ତ୍ର ସାମାଜିକ ପ୍ରତିଷ୍ଠା ଓ ସମ୍ମାନ। ଏହି ବୃତ୍ତିଧାରୀଙ୍କ ଭିତରେ ଦେବତ୍ୱ ଓ ଦିବ୍ୟତ୍ୱ ଚେତନା ବିଦ୍ୟମାନ। ସେଥିପାଇଁ ଡାକ୍ତରଙ୍କୁ ଈଶ୍ୱରଙ୍କର ଦ୍ୱିତୀୟ ରୂପ ଭାବେ ବିବେଚନା କରାଯାଏ। ସୁତରାଂ ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ ନିମନ୍ତେ ଡାକ୍ତରୀ ଛାତ୍ରଛାତ୍ରୀ ସଂକଳ୍ପବଦ୍ଧ ହେବାକୁ ବିଶିଷ୍ଟ ଅତିଥିମାନେ ଦିଗ୍‌ଦର୍ଶନ ଦେଇଛନ୍ତି। ଡ୍ରିମ୍ସ ଇନଷ୍ଟିଚ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ ଓ ହସ୍‌ପିଟାଲର ଏମ୍‌ବିବିଏସ୍ ୨୦୨୫-୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସଂକଳ୍ପ ପାଠ (ହ୍ୱାଇଟ୍ କୋଟ୍ ଉତ୍ସବ) ସୋମବାର ଅନୁଷ୍ଠିତ ହୋଇଯାଇଛି। ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ଆଲୋକ ମାଧ୍ୟମରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ରଙ୍କ ପୋରୋହିତ୍ୟରେ




ଅନୁଷ୍ଠିତ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତା ଆଗାମୀ ଦିନରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଦ୍ୱାରା ରୋଗୀ ଚିକିତ୍ସା ଅଧିକ ସହଜ ଓ ଫଳପ୍ରଦ ହେବ ବୋଲି କହିଥିଲେ। ମୁଖ୍ୟଅତିଥି 'ରେଙ୍କି ମିଶନ' ମୁଖ୍ୟ ଶ୍ରୀ ଶ୍ରୀ ସନ୍ଥ କହିଲେ ମାନବିକତା ହିଁ ଡାକ୍ତରୀ ବୃତ୍ତିର ମୂଳମନ୍ତ୍ର। କୋଣସି କାର୍ଯ୍ୟରେ ସଫଳତା ପାଇବାକୁ ହେଲେ ନିଷ୍ଠା ଓ କଠିନ ପରିଶ୍ରମ ଲୋଡ଼ା। ସମାଜକୁ ସ୍ୱାସ୍ଥ୍ୟଗତ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧତା ଜଣକୁ ସଫଳ ଡାକ୍ତର ଭାବରେ ସମାଜରେ ପ୍ରତିଷ୍ଠିତ କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଏସସିବି ମେଡ଼ିକାଲ କଲେଜ ପଲ୍‌ମୋନାରୀ ମେଡିସିନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ କହିଲେ, ଡାକ୍ତର ହେବା ଆଗରୁ ପ୍ରଥମେ ଜଣେ ଭଲ ମଣିଷ ହେବା ଆବଶ୍ୟକ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ତାଙ୍କ ବକ୍ତବ୍ୟରେ ପତିତର ସେବା କରିବାର ସୁଯୋଗ ପ୍ରଦାନ ପାଇଁ ବେଜ ଦେଇଥିବା ସୁଯୋଗ ପାଇଁ ସେମାନେ ଧନ୍ୟ ବୋଲି ବର୍ଣ୍ଣନା କରି ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବାକୁ ନେଲେ ନିଜକୁ ଦକ୍ଷ ଭାବରେ ଗଢ଼ିତୋଳିବା ଲାଗି ପ୍ରଯତ୍ନ କରିବାକୁ ସେ ଦିଗ୍‌ଦର୍ଶନ ଦେଇଥିଲେ। ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା, ପ୍ରଫେସର ଡା. ରଞ୍ଜନ ଦାସ, ପ୍ରଫେସର ଡା. ମନ୍ମଥ ମଣ୍ଡଳ, ପ୍ରଫେସର ଡା. ସନ୍ଧ୍ୟାରାଣୀ ମହାରଣା, ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ, ଡା. ମନୋରଞ୍ଜନ ମଲ୍ଲିକ, 'ପଦ୍ମିନୀ କେୟାର'ର ପରିଚାଳନା ନିର୍ଦ୍ଦେଶିକା ଲୋପାମୁଦ୍ରା ମୁଖାର୍ଜୀ, ନିର୍ଦ୍ଦେଶକ ଡା. ପିକେ ମିଶ୍ର ମାନବିକ ମୂଲ୍ୟବୋଧ ଆଧାରରେ ଛାତ୍ରଛାତ୍ରୀ ନିଜର ବ୍ୟକ୍ତିତ୍ୱ ବିକାଶ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟା ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ନିରୁପମା ଜୟସ୍ୱାଲ, ଡ. ଅର୍ପିତା ପ୍ରିୟଦର୍ଶିନୀ, ଡ. କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉତ୍ସବରେ ଯୋଗଦେଇଥିଲେ।

## 'ଓଲଟପୁର' ପୁସ୍ତକର ଲୋକାର୍ପଣ ଉତ୍ସବ



କଣ୍ଟାପଡା,୧୮।୧୧(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ଅଧୀନସ୍ଥ ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନରେ ଆଜି ସାହିତ୍ୟିକ ତଥା ଗାଳ୍ପିକ ବିରଜା ରାଉତରାୟଙ୍କ ଲିଖିତ ଉପନ୍ୟାସ "ଓଲଟପୁର" ପୁସ୍ତକର ଲୋକାର୍ପଣ ଉତ୍ସବ ପାଳନ କରାଯାଇଛି। ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉତ୍ସବରେ ଓଡ଼ିଆ ସାହିତ୍ୟର ଲେଖକ ଡ. ବିରଞ୍ଚି ଉତ୍ସଙ୍ଗ, ଡ. ହିରଣ୍ମୟ ମିଶ୍ର, ଉଦୟନାଥ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ବିନାୟକ ପ୍ରସାଦ ପ୍ରଧାନ, ଲେଖକ ବିରଜା ରାଉତରାୟ, ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଏବଂ ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଡ. ବାପନ ସିଂ ଧନ୍ୟବାଦ ଜ୍ଞାପନ କରିବା ସହ ଅଧ୍ୟାପିକା ମୋନାଲିସା ଦାଶ ଏବଂ ରଶ୍ମିତା ଦାଶ ପରିଚାଳନା କରିଥିଲେ।

## ଝାଡ଼ଖଣ୍ଡରୁ ଆଉ ଜଣେ ସାଇବର ଲୁଟେରା ଗିରଫ

ଅନୁଗୋଳ,୧୮ ।୧୧(ସମିସ): ରାଜ୍ୟ ପୁଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ସାଇବର କ୍ରାଇମକୁ ଚିହ୍ନଟ କରିବା ପାଇଁ ଅନୁଗୋଳ ଜିଲ୍ଲାରେ ସ୍ୱତନ୍ତ୍ର ପ୍ରୟାସ ଜାରି ରହିଛି । ଏହି କ୍ରମରେ ଅନୁଗୋଳ ସାଇବର ଥାନାରେ ଅକ୍ଟୋବର



୨୯ ତାରିଖରେ ଜଣେ ବ୍ୟକ୍ତି ସାଇବର ଲୁଟ୍‌ର ଶିକାର ହୋଇଥିବା ନେଇ ଅଭିଯୋଗ ହେବା ପରେ ଅନୁଗୋଳ ପୁଲିସ ଝାଡ଼ଖଣ୍ଡରୁ ଜଣେ ସାଇବର ଲୁଟେରାଙ୍କୁ ଗତ ୧୭ ତାରିଖରେ ଗିରଫ କରିଥିବାବେଳେ ଆଜି ଆଉଜଣେ ସାଇବର ଲୁଟେରାକୁ ଝାଡ଼ଖଣ୍ଡରୁ ଗିରଫ କରାଯାଇଥିବା ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିଏସପି ଜାଗେଶ୍ୱରୀ ବେହେରା ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଗତ ଅକ୍ଟୋବର ୭ ତାରିଖରେ ଅନୁଗୋଳ ମଦନମୋହନପଡା ଅଞ୍ଚଳର ଏ ଡି ଅବଦୁଲ୍ଲା ଦୈନିକ ବଜାର ଯାଇଥିଲେ । ସେଠାରେ ତାଙ୍କ ମୋବାଇଲ ହଜିଯାଇଥିଲା । ଖୋଜାଖୋଜି ସତ୍ତ୍ୱେ ମୋବାଇଲ ମିଳି ନ ଥିଲା । ସେ ନୂଆ ମୋବାଇଲ ନେବା ସହ ନୂଆ ସିମ ନେଇଥିଲେ । ନୂଆ ସିମ ନେବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ । ତାଙ୍କ ଆକାଉଣ୍ଟରୁ ଦୁଇ ଲକ୍ଷ ଟଙ୍କା ଟ୍ରାଞ୍ଜାକସନ ହୋଇଥିବା ଜାଣିବାପରେ ସେପ୍ଟେମ୍ବର ମାସ ୨୯ ତାରିଖରେ ଅନୁଗୋଳ ସାଇବର ପୁଲିସର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣା ଅଭିଯୋଗ ହେବା ପରେ ଅନୁଗୋଳ ସାଇବର ଥାନାରେ ଏକ କେଶ ରୁଜୁ କରାଯାଇ ସାଇବର ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା । ସାଇବର ପୁଲିସର ତଦନ୍ତ ଜଣାପଡିଥିଲା ଯେ ସାଇବର ଲୁଟେରା ଝାଡ଼ଖଣ୍ଡ ଅଞ୍ଚଳରୁ । ସମ୍ପୃକ୍ତ ସାଇବର ଲୁଟେରାଙ୍କୁ ଧରିବାପାଇଁ ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ କରାଯାଇଥିଲା । ଉକ୍ତ ଟିମ ଝାଡ଼ଖଣ୍ଡର ବୋକାରୋ ଥାନା ଅନ୍ତର୍ଗତ ଅଜଗରା ମହଲ୍ଲାରେ ଚଢ଼ଉ କରି ସାଇବର ଲୁଟେରା ସହନବାଜ ଆଲମ (୨୩)କୁ ଗିରଫ କରିବା ସହ ତାଂଠାରୁ ୬୧ ହଜାର ୭୭୯ ଟଙ୍କା ଜବତ କରିବା ସହ ଏଟିଏମ, ଚେକବୁକ ପାସବୁକକୁ ଜବତ କରିଥିଲେ । ସେ ଏହି ଠକାମୀରେ ସମ୍ପୃକ୍ତ ଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା । ଏଥିସହିତ ଏହି ସାଇବର ଲୁଟ୍‌ରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡର ଗୋଦା ଜିଲ୍ଲାରୁ ସନି ଓରଫ ସନି କୁମାର (୩୦)କୁ ମଙ୍ଗଳବାର ଗିରଫ କରିବାରେ ପୁଲିସ ସକ୍ଷମ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇନ୍‌ସପେକ୍ଟର ଅଭୟ କାନ୍ତ ଜେନା, ସାଇବର ଥାନା ଆଇଆଇସି ଖଲେଶ୍ୱର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୧ତମ ସଂସ୍କରଣ

# ପ୍ରାଚୀନ ଅଷ୍ଟଶମ୍ଭୁ ଓ ଅନନ୍ତ ଶୟନ ପୀଠ

ଢେଙ୍କାନାଳ,୧୮ ।୧୧(ସମିସ)



୮ଟି ଶିବ ମନ୍ଦିରକୁ ନେଇ ଅଷ୍ଟଶମ୍ଭୁ ମନ୍ଦିରର ପରିକଳ୍ପନା

ପର୍ଯ୍ୟଟକ ବ୍ଲକ୍ ଅନ୍ତର୍ଗତ କୁଆଲୋଠାରେ ଥିବା ବିଖ୍ୟାତ ଶୈବପୀଠ ଅଷ୍ଟଶମ୍ଭୁ ମନ୍ଦିର ଓ ସରାଙ୍ଗର ଅନନ୍ତ ଶୟନଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୧ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୭୦ ଜଣ ଐତିହ୍ୟପ୍ରେମୀ, ଇତିହାସ ଗବେଷକ ଓ ଇତିହାସର ଛାତ୍ରଛାତ୍ରୀଙ୍କୁ ନେଇ ଢେଙ୍କାନାଳ ଐତିହ୍ୟ ପଦଯାତ୍ରୀ ପ୍ରଥମେ କୁଆଲୋ ଗ୍ରାମରେ ଥିବା ଏହି ପ୍ରାଚୀନ ଶୈବ ପୀଠରେ ପହଞ୍ଚିଥିଲେ । ଏହି ଅଷ୍ଟଶମ୍ଭୁ ମନ୍ଦିର ଆନୁମାନିକ ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିଲା । ପ୍ରାଚୀନ କାଳରେ ବହୁ ମଣ୍ଡଳ ରାଜ୍ୟ ରହିଥିଲେ । ସେଥିମଧ୍ୟରୁ କୋଦାଳକ ମଣ୍ଡଳ ବା ଆଜିର କୁଆଲୋ ଅନ୍ୟତମ । ଏଠାକାର ଶାସକ ଶୁଲ୍କୀ ବଂଶୀୟ, ଯେଉଁମାନେ ଶୈବ ଥିଲେ । କୁଆଲୋର ଅଷ୍ଟଶମ୍ଭୁ ମନ୍ଦିର ସେମାନଙ୍କ ଅକ୍ଷୟ କୀର୍ତ୍ତି । ଏ ମନ୍ଦିର ପଞ୍ଚାୟତନ ମନ୍ଦିର ଶୈଳୀର । ଗୋଟିଏ ବୃହତ ମନ୍ଦିରକୁ କେନ୍ଦ୍ରକରି ଅନ୍ୟ ସାତଟି ଶିବ ମନ୍ଦିର ନିର୍ମାଣ କରିବା ପଞ୍ଚାୟତନ ମନ୍ଦିରର ଶୈଳୀ । ବଡ଼ ମନ୍ଦିରର ଚାରିକୋଣରେ ଚାରୋଟି, ଏପରି ୫ଟି ମନ୍ଦିର ରହିଛି । ଏହି ପରିସରରେ ଅନ୍ୟ ୩ଟି ମନ୍ଦିର ଏହିପରି ସମୁଦାୟ ୮ଟି ଶିବ ମନ୍ଦିରକୁ ନେଇ ଅଷ୍ଟଶମ୍ଭୁ ମନ୍ଦିରର ପରିକଳ୍ପନା । ତେବେ କୁଆଲୋର ଅଷ୍ଟଶମ୍ଭୁ କ୍ଷେତ୍ରରେ ଥିବା ବଡ଼ ମନ୍ଦିରଟି ଏଠାକାର ସୁନ୍ଦରତମ ମନ୍ଦିର ହୋଇଥିଲେ ବି ଏହି ପରିସରରେ ଥିବା କନକେଶ୍ୱର ମହାଦେବ ହେଉଛନ୍ତି କ୍ଷେତ୍ରାଧିପତି । ତାଙ୍କ ନାମରେ ହିଁ ସମସ୍ତ ଜମିବାଡି ଓ ଖଞ୍ଜା ରହିଛି । ଏହି ମନ୍ଦିରଟି ଏକ ଛୋଟିଆ ମନ୍ଦିର । ଯାହା ଉତ୍ତର ପୂର୍ବ କୋଣରେ ଅବସ୍ଥିତ । ଏଠାରେ କନକେଶ୍ୱର, ସପ୍ତେଶ୍ୱର, ଐଶାନେଶ୍ୱର, କପିଳେଶ୍ୱର, ବୈଦ୍ୟନାଥେଶ୍ୱର, ବାଣେଶ୍ୱର ଓ ଲୋକନାଥେଶ୍ୱର ଏପରି ଆଠଟି ମନ୍ଦିର ରହିଛି । ପଥରକୁ ପଥର ଉପରେ ଥୁଆ ହୋଇ ମନ୍ଦିର ନିର୍ମିତ । ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଏହା ଏକ ବିସ୍ମୟ । ଏକଦା ଏଠାରେ ଥିବା ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ଥିଲା । ସମୟାନୁକ୍ରମେ ମନ୍ଦିରଗୁଡିକ ଭାଙ୍ଗି ଯାଇ ଏହା ପରିତ୍ୟକ୍ତ ହୋଇ ପଡ଼ିଲା । ସମ୍ପ୍ରତି ଏହି ପୀଠଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଓ ଏହାର ଉନ୍ନତିକରଣ କାର୍ଯ୍ୟ କିଛି ମାତ୍ରାରେ ଚାଲିଛି । ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ଅଷ୍ଟଶମ୍ଭୁ ମନ୍ଦିରରେ ଦୈନିକ ସେବା ପୂଜା କରାଯାଉଛି । ଏହାପରେ ପଦଯାତ୍ରୀ ବ୍ରାହ୍ମଣୀ ନଦୀଶଯ୍ୟାରେ ଅବସ୍ଥିତ ଅନନ୍ତ ଶୟନ ପୀଠରେ ପହଞ୍ଚି ଥିଲେ । ପରଜଙ୍ଗ ବ୍ଲକ ଅନ୍ତର୍ଗତ ସରାଙ୍ଗର ବ୍ରାହ୍ମଣୀ ନଦୀଶଯ୍ୟାରେ ଖୋଦିତ ପ୍ରାୟ ୫୨ ଫୁଟ ଲମ୍ବର ଚତୁର୍ଭୁଜ ବିଷ୍ଣୁଙ୍କର ଅନନ୍ତଶାୟୀ ମୂର୍ତ୍ତି । ମୁକ୍ତ ଆକାଶ ତଳେ ବ୍ରାହ୍ମଣୀ ଜଳଧାରା ସଲଗ୍ନ ବିସ୍ତୀର୍ଣ୍ଣ ଏକ ପ୍ରସ୍ତର ଚଟାଣ ଉପରେ ଏହି କମନୀୟ ଅନନ୍ତଶାୟୀ ବିଷ୍ଣୁ ପ୍ରତିମା ଖୋଦିତ ହୋଇଛି । ଗବେଷକଙ୍କ ମତରେ ସରାଙ୍ଗର ଏହି ଅନନ୍ତଶୟନ ମୂର୍ତ୍ତି ସମଗ୍ର ଦେଶର ମୁକ୍ତାକାଶ ତଳେ ଖୋଦିତ ଦୀର୍ଘତମ ପ୍ରତିମା । ମୂର୍ତ୍ତିକୁ ଲାଗି ପ୍ରବାହିତ ବ୍ରାହ୍ମଣୀର ଜଳଧାରାକୁ ଏଠାରେ ପ୍ରଭୁଙ୍କ ବର୍ଣ୍ଣିତ କ୍ଷୀର ସମୁଦ୍ର ସହିତ କଳ୍ପନା କରାଯାଇଛି । ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ବିଷ୍ଣୁଙ୍କ ନାଭିରୁ ଉଦଗତ ପଦ୍ମ ଉପରେ ବ୍ରହ୍ମା ଉପବେଶନ କରିଥିବାର ଦେଖିବାକୁ ମିଳେ । ବିଷ୍ଣୁ ମସ୍ତକରେ ଧାରଣ କରିଥିବା ମୁକୁଟରେ କାର୍ତ୍ତିମୁଖ ଖୋଦିତ ହୋଇଛି । ଯାହାକି ସ୍ୱୟଂ ଏକ ସ୍ୱତନ୍ତ୍ରତା ।

## ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ



ଢେଙ୍କାନାଳ,୧୮ ।୧୧(ସମିସ): ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମବାୟ ଆନ୍ଦୋଳନ ଆଜି ସାରା ଦେଶରେ କାୟା ବିସ୍ତାର କରିପାରିଛି । ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ସମବାୟର କାର୍ଯ୍ୟଧାରା ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟ ତଥା ଦେଶରେ କୃଷି, ଉଦ୍ୟାନ, ପଶୁପାଳନ, କୁଟୀର ଶିଳ୍ପ, ବୟନ ଶିଳ୍ପ ଆଦି ସମସ୍ତ କ୍ଷେତ୍ରରେ ସମବାୟ ଦ୍ୱାରା ଯଥେଷ୍ଟ ଭୂମିକା ଗ୍ରହଣ କରାଯାଇଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ବିଶେଷକରି ଗ୍ରାମାଞ୍ଚଳର ମହିଳାଙ୍କ ଉତ୍ଥାନ ଦିଗରେ ସମବାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସୁଖ ଶାନ୍ତିରେ ଜୀବନ ଜୀବିକା ନିର୍ବାହ ସହିତ ମହିଳା ସଶକ୍ତୀକରଣ ପାଇଁ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି ବୋଲି କହିଥିଲେ । ପ୍ରାରମ୍ଭରେ ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ ସମବାୟର କାର୍ଯ୍ୟକାରିତା ଦ୍ୱାରା ଲୋକମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବାମଲେନ୍ଦୁ ମହାନ୍ତି ସମବାୟର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ପରିଜା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଅତିରିକ୍ତ ବୟନ ଶିଳ୍ପ ଅଧିକାରୀ ଦାମୋଦର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସମବାୟ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କ ସମେତ ସମବାୟ କାର୍ଯ୍ୟରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ,୧୮ ।୧୧(ସମିସ): ସ୍ଥାନୀୟ ଇ-ଟେକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦୁଇ ପୂର୍ବତନ ଛାତ୍ର ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବାବେଳେ ଆଜି ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଭିକାରୀଚରଣ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଇ-ଟେକର ଉପାଧ୍ୟକ୍ଷ ଅଧ୍ୟାପକ ଅନୀଲ ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦୃଢ ଇଚ୍ଛାଶକ୍ତି ସହ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବା, କଠିନ ପରିଶ୍ରମ କଲେ ସଫଳତା ମିଳିପାରିବ ବୋଲି କହିଥିଲେ । ଅଗାମୀ ଦିନରେ ସମାଜକୁ ସୁଚାରୁରୂପେ ପରିଚାଳନା ନିମନ୍ତେ ସମସ୍ତଙ୍କ ହୃଦୟରେ ମଣିଷ ପଣିଆର ଭାବ ଜାଗ୍ରତ ହେବା ଉଚିତ ବୋଲି ଅଧ୍ୟକ୍ଷ କହିଥିଲେ । ଓସିଏସ ପରୀକ୍ଷାରେ ସଫଳତା ହାସଲ କରିଥିବା ହିନ୍ଦୋଳ ବ୍ଲକ୍ ସରଧାପୁର ଗ୍ରାମର ଅକ୍ଷୟ କୁମାର ବେହରାଙ୍କ ପୁଅ ସୌମ୍ୟରଞ୍ଜନ ବେହେରା ଓ ଅନୁଗୋଳ ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମର ଋଷଭ କୁମାର ମାଝିଙ୍କ ପୁଅ ଆଶୁତୋଷ ମାଝିଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର କର୍ମଚାରୀ ଶ୍ୟାମସୁନ୍ଦର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ ।

● ଜାତୀୟ ଏକତା ଦିବସ ପାଳନ

## କ୍ରୀଡ଼ା ଘୋଷକ ଅମୀୟଙ୍କୁ ସର୍ଦ୍ଦାର ପଟେଲ ଆୱାର୍ଡ

ଢେଙ୍କାନାଳ,୧୮ ।୧୧(ସମିସ): ଓଡ଼ିଶାର ଖ୍ୟାତି ସମ୍ପନ୍ନ ବରିଷ୍ଠ ଆନ୍ତର୍ଜାତିକ କ୍ରୀଡ଼ା



ଘୋଷକ ଓ ଭାଷ୍ୟକାର ତଥା ଭାରତୀୟ ନୌସେନାର ସେବା ନିବୃତ୍ତ ୱାର ମେଡାଲ ଡଃ ଅମୀୟ ଚାନ୍ଦଙ୍କୁ ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଉତ୍ତରପ୍ରଦେଶର ୱର୍ଦି ୱେଲ୍‌ନେସ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଜାତୀୟ ଏକତା ଦିବସ ପାଳନ ଅବସରରେ ସର୍ଦ୍ଦାର ପଟେଲ ପ୍ରାଇଡ ଅଫ ନେସନ ଆୱାର୍ଡ ପ୍ରଦାନ କରାଯାଇଛି । ଏ ଅବସରରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କୁ ସମ୍ମାନିତ କରିଛନ୍ତି । ଶ୍ରୀ ଚାନ୍ଦ ଦୀର୍ଘବର୍ଷ ଧରି ଜିଲ୍ଲା, ରାଜ୍ୟ, ଦେଶ ଓ ବିଦେଶରେ ଘୋଷକ ତଥା ସମାଜସେବାରେ ନିଜକୁ ନିୟୋଜିତ କରି ବହୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ରାଜ୍ୟ ଓ ଦେଶ ପାଇଁ ଅନେକ ସୁନାମ ଆଣିଥିବାରୁ ତାଙ୍କୁ ଚଳିତ ବର୍ଷ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଏଜିଙ୍ଗ ଉଇଥ ଡିଗିନିଟି ସମ୍ମାନ ପ୍ରଦାନ ସହିତ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି ।

## ଭୁବନରେ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଭୁବନ,୧୮ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସାଂସଦ କ୍ରୀଡ଼ା ମହୋତ୍ସବ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡିଓ ଆୟୁସୀ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ବିଜେପି କେନ୍ଦ୍ରୀୟ ସଂଯୋଜକ ପ୍ରେମାନନ୍ଦ ଜେନା, ଆମ୍ବ କମିଟି ସଭାପତି ଜଗବନ୍ଧୁ ପୃଷ୍ଟି, ସମାଜସେବୀ ସଞ୍ଜୟ ଦାସ, ଭୁବନ ବ୍ଲକ୍ ଉପାଧ୍ୟକ୍ଷା ସରଜିନୀ ଦିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ ଭୁବନ ବ୍ଲକର ପ୍ରତ୍ୟେକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତିରେ କ୍ରୀଡ଼ା ଓ ଶାରିରିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏହି କ୍ରୀଡା ମହୋତ୍ସବ ଆୟୋଜନ କରାଯାଉଛି । ବିଡିଓ ନମିତା ଦେହୁରୀ, ରାଜଲକ୍ଷ୍ମୀ ଟୁଡୁ ଯୋଗ ଦେଇଥିବାବେଳେ କ୍ରୀଡ଼ା ଶିକ୍ଷକ ସାଗର ରାଉତଙ୍କ ସମେତ ସମସ୍ତ ଖେଳ ଶିକ୍ଷକ ଖେଳ ପରିଚାଳନା କରୁଛନ୍ତି ।

## ଆର୍‌ଏମ୍ ଡିଏସ୍‌ପି ଶୀତକାଳୀନ କ୍ରିକେଟ ଲିଗ୍



ଖଜୁରିଆକଟା,୧୮ ।୧୧(ସମିସ): ହିନ୍ଦୋଳ ବ୍ଲକ୍ ଝାରବନ୍ଧଠାରେ ଅବସ୍ଥିତ ରୁଙ୍ଗଟା ଇସ୍ପାତ କାରଖାନା ଦ୍ୱାରା ଆରଏମ ଡିଏସପି ଶୀତକାଳୀନ କ୍ରିକେଟ ଲିଗ୍ ନିମବାହାଲି ଖେଳ ପଡିଆରେ ଉଦ୍‌ଯାପିତ ହୋଇଛି । ମୁଖ୍ୟଅତିଥି ଭାବେ କାରଖାନାର ଉପସଭାପତି ପ୍ରଦୀପ ଚର୍ତୁବେଦୀ, ମାନବ ସମ୍ବଳ ଅଧିକାରୀ ପୁଷ୍ପେଶ କୁମାର ଯୋଗଦେଇ ଦୁଇ ଦଳ ଖେଳାଳିଙ୍କ ସହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଉକ୍ତ ଜାତୀୟ ସଙ୍ଗୀତ ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମବାହାଳିର ଶିଶୁ ଭାଇଭଉଣୀ ଖେଳାଳିଙ୍କ ସହିତ ପଡିଆ ମଧ୍ୟରେ ପରିବେଷଣ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି, ସମ୍ପାଦକ ଯଥାକ୍ରମେ ବିଜୟ ଜେନା, ଯଶୋବନ୍ତ ରଣଜିତ ରାୟ ଉପସ୍ଥିତ ଥିଲେ । କାରଖାନା ପକ୍ଷରୁ ଅନିରୁଦ୍ଧ ଧଳ ଭାଷ୍ୟକାର ଥିବାବେଳେ ବିକ୍ରମ କେଶରୀ ମହାପାତ୍ର (ସିଏସଆର ମ୍ୟାନେଜର), ଅଭିଳାଷ ପୃଷ୍ଟି (ମାନବ ସମ୍ବଳ), ମାନସ ଜେନା (ସିଭିଲ) ଖେଳ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ୍ କାରଖାନାର ମାନବ ସମ୍ବଳ ଏକାଦଶ ଓ ସେଣ୍ଟ୍ରାଲ ଇଲେକ୍ଟ୍ରିକାଲ ମଧ୍ୟରେ ଆରମ୍ଭ ହୋଇଛି ।

## ଶ୍ରୀ ସାଇ ସତଚରିତ ପାରାୟଣ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୮ ।୧୧(ସମିସ): ସ୍ଥାନୀୟ ମୀନା ବଜାରସ୍ଥ ସାଇ ଦରବାର ପ୍ରାଙ୍ଗଣରେ ଦ୍ୱାଦଶତମ ଏକଦିବସୀୟ ଶ୍ରୀ ସାଇ ସତଚରିତ ପାରାୟଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜାନୁଆରୀ ୭ ତାରିଖ ବୁଧବାର ପାଲିଙ୍କି ଯାତ୍ରା, ୮ ତାରିଖ ଗୁରୁବାର ସାଇ ସତଚରିତ ପାରାୟଣ ଓ ୯ ତାରିଖ ଶୁକ୍ରବାର ପୂଜନୀୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଲିଖିତ



ଗୁରୁ ଭାଗବତ ଅଭିନନ୍ଦନ ଗାର୍ଡେନଠାରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ୧୨ତମ ଏକଦିବସୀୟ ପାରାୟଣ ସରସସୁନ୍ଦର ଓ ଆକର୍ଷଣୀୟ ହେବା ସହ ଶୃଙ୍ଖଳିତ ହେବା ନେଇ ସେଥିପାଇଁ ସମସ୍ତେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ବୈଠକ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ବ୍ରଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

● ସହିଦ ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକୀରେ ସର୍ବଭାରତୀୟ ଫୁଟ୍‌ବଲ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜ କ୍ଲବ୍ ବିଜୟୀ

ଢେଙ୍କାନାଳ, ୧୮ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜିଲ୍ଲା କ୍ରୀଡ଼ା ସଙ୍ଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି । ଉଦଘାଟନୀ ଉତ୍ସବରେ କଟକ ସନରାଇଜ କ୍ଲବ୍ ଓ ଓଡିଶା ଏଆଇଏଫଏଫ ଫିଫା ଏକାଡ଼େମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ସନରାଇଜ କ୍ଲବ କଟକ, ଫିଫା ଏକାଡେମୀକୁ ୪-୧ ଗୋଲରେ ପରାସ୍ତ କରିଛି । ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ଅଭିନବ ସୋନକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ କମିଶନର ଦୀପ୍ତିରଞ୍ଜନ ସେଠୀ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଫାଓ ଓଡିଶାର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡାଇ, ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଲୀଳ କୁମାର ପ୍ରଧାନ ଯୋଗ ଦେଇଥିଲେ । ଖେଳକୁ ରେଫରୀ ଭୀମ କ୍ଷେତ୍ରୀ, ସୁବ୍ରତ ପୁରୋହିତ, ପ୍ରଦୀପ୍ତ ନାୟକ, ଶିଶିକାନ୍ତ ଦାଶିଆ ପ୍ରମୁଖ ପରିଚାଳନା କରିଥିବାବେଳେ କମିଶନର ଭାବେ ମାୟାଧର ସାହୁ ଯୋଗଦେଇଥିଲେ । କ୍ରୀଡ଼ା ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟ ବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣାଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ରାଜ୍ୟର ୪ଟି, ଓଡିଶା ବାହାରୁ ୮ଟି ଦଳ ଅଂଶଗ୍ରହଣ କରିଥିବା କ୍ରୀଡା ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି ।

## ରୟାଲ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ବାର୍ଷିକ ପ୍ରଦର୍ଶନୀ ଉଦ୍‌ଯାପିତ

ଢେଙ୍କାନାଳ,୧୮ ।୧୧(ସମିସ): ସ୍ଥାନୀୟ ରୟାଲ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ, ଗଣିତ, ପରିବେଶ ଓ କଳା ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ଅକ୍ଷୟ ମହାନ୍ତିଙ୍କ ପ୍ରେରଣା, ପ୍ରଶାସକ ନେତ୍ରଜ୍ୟୋତି ମହାନ୍ତିଙ୍କ ନେତୃତ୍ୱ, ନିର୍ଦ୍ଦେଶକ ସରୋଜ ଦାଶଙ୍କ ପୌରୋହିତ୍ୟରେ ଅଧ୍ୟକ୍ଷା ରଶ୍ମିତା ବିଶୋୟୀ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରଚେଷ୍ଟାରେ ଏହି ପ୍ରଦର୍ଶନୀ ଶେଷ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଉଦଘାଟକ,



ମୁଖ୍ୟଅତିଥି ଓ ବିଚାରକ ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ, ସର୍ବଭାରତୀୟ ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟି ଅନୁବନ୍ଧିତ ବିଜ୍ଞାନ ଚେତନା ମଞ୍ଚ, ଓଡିଶାର ଆଜୀବନ ସଦସ୍ୟ ବରିଷ୍ଠ ଶିକ୍ଷାବିତ ଡଃ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି କହିଥିଲେ, ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରି ବିଜ୍ଞାନର ମାନବ କଲ୍ୟାଣରେ ଉପଯୋଗ ଆମକୁ ସଭ୍ୟତାର ଶୀର୍ଷରେ ଅଧିଷ୍ଠିତ କରିପାରିବ ବୋଲି ମତପୋଷଣ କରିଥିଲେ । ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ ହୋଇ କାର୍ଯ୍ୟ ସମ୍ପାଦନ କରି ଦେଶ ଗଠନରେ ବ୍ରତୀ ହେବାକୁ ସେ ସୁପରାମର୍ଶ ଦେଇଥିଲେ ।

## ଢେଙ୍କାନାଳ ମହାବିଦ୍ୟାଳୟର ଏବିଭିପି କ୍ୟାମ୍ପସ୍ ଶାଖା ଘୋଷଣା

ଢେଙ୍କାନାଳ,୧୮ ।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ୟାମ୍ପସ ଶାଖା ଘୋଷଣା ହୋଇଯାଇଛି । ସଭାପତି ଭାବେ ଆକାଶ ମହାନ୍ତି, ସମ୍ପାଦକ ଭାବେ ବିବେକ ବିଶ୍ୱାସ ସୁବୁଦ୍ଧିରାୟ, ଉପସଭାପତି ଭାବେ ସତ୍ୟ ପଟ୍ଟନାୟକ ଓ ସୌମ୍ୟରଞ୍ଜନ ମାଇଟୀ, ସହସମ୍ପାଦକ ଭାବେ ସୌମ୍ୟ ଦେବତା ଦଳେଇ, କ୍ୟାମ୍ପସ ଡିସ୍କସନ ଡେ ସଂଯୋଜକ ରଞ୍ଜିତ ଦାସ, ଷ୍ଟୁଡେଣ୍ଟ ଫର ଡେଭେଲପମେଣ୍ଟ ସଂଯୋଜକ ଦିବ୍ୟଜ୍ୟୋତି ବେହେରା, ଷ୍ଟୁଡେଣ୍ଟ ଫର ସେବା ସଂଯୋଜକ ଅଭିଷେକ ତରାଇ, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସ୍ୱାଧୀନ ମଲ୍ଲିକ, ସ୍ପୋର୍ଟ୍ସ ସଂଯୋଜକ ଭାବେ ଗୌରୀ ଶଙ୍କର ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା

ଢେଙ୍କାନାଳ,୧୮ ।୧୧(ସମିସ)



ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରରେ ଭାରତର ଏକତାର ପ୍ରତୀକ, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ପଦଯାତ୍ରା ମାଳପୁରାରୁ ଆରମ୍ଭ ହୋଇ ଜିରିଡାମାଳୀ, କଳ୍ପନା କ୍ଲବ ଦେଇ ସାରଙ୍ଗଧର ଷ୍ଟାଡ଼ିୟମରେ ପହଞ୍ଚିଥିଲା । ଏହି ପଦଯାତ୍ରାରେ ସ୍ଥାନୀୟ ବାସିନ୍ଦା, ବିଭିନ୍ନ ସଂସ୍ଥା, ବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନଦର୍ଶନ, ଲୌହମାନବ ଭାବେ ତାଙ୍କର ଦୃଢ଼ ନେତୃତ୍ୱ, ଦେଶର ଏକତା ଓ ଅଖଣ୍ଡତା ପାଇଁ କରିଥିବା ଅସାଧାରଣ ଅବଦାନ ବିଷୟରେ ଆଲୋକପାତ କରି ଯୁବପିଢ଼ିକୁ ତାଙ୍କ ଆଦର୍ଶ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଯୋଗ ଦେଇଥିଲେ । ବିଧାୟକ ଶତ୍ରୁଘ୍ନ ଜେନା କହିଥିଲେ, ସର୍ଦ୍ଦାର ପଟେଲଙ୍କ ଏକତାର ପଥ ଆଜିର ସାମାଜିକ ପରିପ୍ରେକ୍ଷୀରେ ଅଧିକ ଆବଶ୍ୟକ । ତାଙ୍କ ଦୃଢ଼ ସଙ୍କଳ୍ପ ଓ ଦେଶପ୍ରେମର ଶିକ୍ଷା ସମାଜକୁ ହିଂସା, ଅସମାନତା ଓ ବିଭେଦରୁ ଦୂରରେ ରଖିବାରେ ସାହାଯ୍ୟ କରେ । ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସର୍ଦ୍ଦାର ପଟେଲଙ୍କ ଦୃଷ୍ଟିକୋଣକୁ ଦେଶର ଅଖଣ୍ଡତାର ମନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠି ଗ୍ରାମ୍ୟ ଉନ୍ନୟନ, ଯୁବଶକ୍ତିର ସଠିକ ନେତୃତ୍ୱ ଓ ସମାଜସେବାରେ ସାମୂହିକ ଏକତାର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଏହି ଏକତା ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡାବିତ, ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । ଏହି ସମାରୋହରେ ଅତିଥିଙ୍କ ଉପସ୍ଥିତିରେ ଦେଶର ଏକତା ଓ ସମୃଦ୍ଧି ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା । ପ୍ରାରମ୍ଭରେ ମା' ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଇଥିଲା ।

● ସାଂସଦ କ୍ରୀଡ଼ା ମହୋତ୍ସବ

## ଭୁବନ ମହିଳା ମହାବିଦ୍ୟାଳୟର ସଫଳତା

ଭୁବନ,୧୮ ।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ପିଏମଶ୍ରୀ ଭୁବନ ସରକାରୀ ଉଚ୍ଚବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ସାଂସଦ କ୍ରୀଡ଼ା ମହୋତ୍ସବ ଉଦଯାପିତ ହୋଇଯାଇଛି । ଏଥିରେ ଭୁବନ ମହିଳା ମହାବିଦ୍ୟାଳୟ ସଫଳତା ଅର୍ଜନ କରିଛି । ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମିନତୀ ଦେହୁରୀ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି କ୍ରୀଡ଼ା ମହୋତ୍ସବରେ ଭୁବନ ବ୍ଲକର ୨୯ଟି ଉଚ୍ଚବିଦ୍ୟାଳୟ ଓ ୬ଟି ମହାବିଦ୍ୟାଳୟର ୯୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଦୌଡ଼କୁଦ, କବାଡି ଓ ଖୋଖୋ ଖେଳରେ ଛାତ୍ରଛାତ୍ରୀଙ୍କ କ୍ରୀଡା ସମସ୍ତଙ୍କୁ ଆକର୍ଷିତ କରିଥିଲା । ସଫଳ କ୍ରୀଡ଼ାବିତ ଆସନ୍ତା ୨୫ ତାରିଖରେ ଜିଲ୍ଲା ସ୍ତରରେ ଖେଳିବେ ବୋଲି ଜଣାଯାଇଛି । ବିକାଶ ଫାଉଣ୍ଡେସନ ଓ ବ୍ଲକ ପ୍ରଶାସନ ମିଳିତ ଭାବେ ଏହି କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରିଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୭ • ପାଉଣ୍ଡ ୧୧୬.୩୯
- ୟୁରୋ ୧୦୨.୯୩ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୫,୯୬୦ (ନୂଆଦିଲ୍ଲୀ)
- ରୁପା : ୧,୬୬,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୬୭୩.୦୦
- ନିଫ୍ଟି ୨୫,୯୧୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆମେରିକା କୃଷି ଉତ୍ପାଦ ଲାଗି ବଜାର ଖୋଲିବ ଭାରତ

# ଶୁଳ୍କମୁକ୍ତ ହେଲା ମକା, ଦୁଗ୍ଧ, ସୋୟାବିନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): ବାଣିଜ୍ୟ ଚୁକ୍ତି କ୍ଷେତ୍ରରେ ଟାରିଫ୍‌କୁ ନେଇ ଶେଷରେ ଆମେରିକା ଆଗରେ ମୁଣ୍ଡ ନୁଇଁଲା ଭାରତ। ଟ୍ରମ୍ପ୍ ପ୍ରଶାସନ ଆଗରେ କୃଷି ଉତ୍ପାଦରେ ଶୁଳ୍କ ଲାଗୁ କ୍ଷେତ୍ରରେ ସାଲିସ୍ କଲା ଭାରତ। ଭାରତ ଏବେ ଆମେରିକା ପାଇଁ କୃଷି କ୍ଷେତ୍ରରେ ନିଜର ବଜାର ଖୋଲିଦେଇଛି। ଏହାଫଳରେ ଆମେରିକାରୁ ଭାରତ ଆସୁଥିବା ସୋୟାବିନ୍,ମକା ଏବଂ କିଛି ଦୁଗ୍ଧ ଉତ୍ପାଦ ଉପରେ ଆଉ ଶୁଳ୍କ ଲାଗୁ ହେବ ନାହିଁ। ଭାରତ ଏସବୁ ଉତ୍ପାଦ ଉପରୁ ଶୁଳ୍କ ହଟାଇଦେଇଛି।ଯଦିବା କୃଷିକ୍ଷେତ୍ରରେ ଟାରିଫ୍ ପ୍ରସଙ୍ଗରେ ଭାରତ ଆମେରିକା ଆଗରେ ମୁଣ୍ଡ ନୁଇଁବ ନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର କହୁଥିଲେ, ଶେଷରେ ଏ କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ସହ ସାଲିସ୍ କରିଛନ୍ତି। ଏହାପରେ ଖୁବ୍‌ଶୀଘ୍ର ହେବ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାକୁ ନେଇ ବର୍ତ୍ତମାନ ସକାରାତ୍ମକ ସଙ୍କେତ ମିଳିବାରେ ଲାଗିଛି। ଅପରପକ୍ଷେ ଟାରିଫ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାଣ ଭାଙ୍ଗିବାରେ ଲାଗିଛି। ଧୀରେ ଧୀରେ ନରମ ସ୍ୱଭାବ ଦେଖାଉଛନ୍ତି ଟ୍ରମ୍ପ୍।

ଚଳିତମାସ ଶେଷ ଭାଗରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ହେବା ନେଇ ଆଶା କରାଯାଉଛି। ଏ ସମ୍ପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ, ରୁଷଠାରୁ ତୈଳ ଆମଦାନୀ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇସାରିଛି। ଏହାକୁ ଟ୍ରମ୍ପ୍ ମଧ୍ୟ ସ୍ୱୀକାର କରିସାରିଛନ୍ତି। ସେ କହିଛନ୍ତି ଯେ, ଭାରତ ଉପରେ ରୁଷଠାରୁ ତୈଳ ଆମଦାନୀ କ୍ଷେତ୍ରରେ ଲାଗୁ କରାଯାଇଥିବା ଦଣ୍ଡାତ୍ମକ ଶୁଳ୍କ ପ୍ରତ୍ୟାହାର କରିନିଆଯିବ। ଅପରପକ୍ଷେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାର ନିକଟତର। ଭାରତ-ଆମେରିକା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬ ପର୍ଯ୍ୟାୟ ଆଲୋଚନା ହୋଇସାରିଛି। ଚଳିତବର୍ଷ ଶେଷ ସୁଦ୍ଧା ଆଲୋଚନାର ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ କ୍ଷେତ୍ରରେ ଜଟିଳ ପ୍ରସଙ୍ଗଗୁଡିକରେ ଆଲୋଚନା ଜାରି ରହିବ।





ରିପୋର୍ଟ ଅନୁଯାୟୀ, ଭାରତ ସୋୟାବିନ୍, ମକ୍କା ସମେତ କିଛି ଦୁଗ୍ଧ ଜାତୀୟ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ମୁକତ କରିବାକୁ ନିଜର ବଜାର ଆମେରିକା ପାଇଁ ଖୋଲିଦେବେ। ଦୁଇ ଦେଶ ବର୍ତ୍ତମାନ ଶୁଳ୍କ ଏବଂ କୃଷି ଉତ୍ପାଦ ଉପରେ ପାରସ୍ପରିକ ଶୁଳ୍କ ହାରକୁ ଅନ୍ତିମ ରୂପ ଦେବା ଉପରେ କାମ କରୁଛି। ଉଭୟ ପକ୍ଷ ଶୁଳ୍କ ମୁକ୍ତ ଏବଂ କମ୍ ଶୁଳ୍କ ଲାଗୁ ଥିବା ଆମଦାନୀ ପାଇଁ ଉତ୍ପାଦଗୁଡିକର ସୂଚୀ ସହ ଜଡିତ ଅଧିକାଂଶ ବାବାଦୀୟ ପ୍ରସଙ୍ଗର ସମାଧାନ କରିସାରିଛନ୍ତି। ନିକଟରେ ଭାରତ ପାଇଁ ନୂତନ ନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଟ୍ରମ୍ପ୍ କହିଥିଲେ ଯେ, ଭାରତ ସହ ଆମେ ଏମିତି ଏକ ବୁଝାମଣା ଚୁକ୍ତି କରୁଛୁ ଯାହା ପୂର୍ବରୁ ହୋଇଥିବା ଚୁକ୍ତି ତୁଳନାରେ ଭିନ୍ନ ରହିବ। ରପୋର୍ଟ ଅନୁଯାୟୀ, ଭାରତ- ଆମେରିକା ଉଚ୍ଚ ସ୍ତରୀୟ ଆଲୋଚନାର ଲକ୍ଷ୍ୟ ଥିଲା କିଛି ଭାରତୀୟ ଉତ୍ପାଦର ରପ୍ତାନି ଉପରେ ୫୦% ଟାରଇଫ୍ ଲାଗିବା ପରେ ମଧ ବାଣିଜ୍ୟ ଉତ୍ତେଜନା ଶେଷ କରିବା।

ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

# ବିଶ୍ୱବ୍ୟାପୀ କ୍ଲାଉଡ୍‌ଫ୍ଲେୟାର ଡାଉନ୍

### କାମ କରୁନି ଓପନ୍‌ଏଆଇ, ଚାର୍ଟଜିପିଟି, ପରପ୍ଲେକ୍ସିଟି ଓ ଏକ୍ସ ୱେବସାଇଟ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ସାରା ବିଶ୍ୱରେ କ୍ଲାଉଡ୍‌ଫ୍ଲେୟାର ଡାଉନ ହେବା ପରେ କମ୍ପାନୀର ନେଟୱାର୍କ ଉପରେ ନିର୍ଭର କରୁଥିବା ହଜାର ହଜାର ୱେବସାଇଟ୍ ଆଜି ଡାଉନ୍ ହୋଇଯାଇଛି। ଘଟଣା ସମ୍ପର୍କରେ ଏବେ କମ୍ପାନୀ ଗ୍ରାହକମାନଙ୍କୁ ଅବଗତ କରାଇଛି। ଏ ନେଇ କମ୍ପାନୀ କହିଛି ଯେ, ସେ କ୍ଲାଉଡଫ୍ଲେୟାର ସମସ୍ୟା ବିଷୟରେ




ଅବଗତ ଅଛି ଏବଂ ଏହା ଉପରେ ତଦନ୍ତ କରୁଛି। ଏହା ବିଶ୍ୱରେ ବହୁ ସହଖ୍ୟାରେ ଗ୍ରାହକଙ୍କୁ ପ୍ରଭାବିତ କରୁଛି। ବ୍ୟାପକ ୫୦୦ ଏରର, କ୍ଲାଉଡଫ୍ଲେୟାର ଡ୍ୟାସବୋର୍ଡ ଏବଂ ଏପିଆଇ ମଧ ଫେଲ୍ ହୋଇଛି। ଆମେ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ସହ ସମସ୍ୟାକୁ ହ୍ରାସ କରିବା ପାଇଁ କାମ କରୁଛୁ। ଅଧିକ ଅପଡେଟ୍ ଖୁବ୍ ଶୀଘ୍ର ଆସିବ ବୋଲଇ କମ୍ପାନୀ କହିଛି। କ୍ଲାଉଡଫ୍ଲେୟାର ଡାଉନ ହେବା ପରେ ଏହାସହିତ ଜଡ଼ିତ ୱେବସାଇଟ୍ ମଧ୍ୟରେ ଏକ୍ସ (ପୂର୍ବର ଟ୍ୱିଟର), ଓପନ୍‌ଏଆଇ/ଚାର୍ଟଜିପିଟି, ଲିଗ୍ ଅଫ୍ ଲିଜେଣ୍ଡସ, ସ୍ପର୍ଟିଫାଏ, କାନ୍‌ଭା, ପରପ୍ଲେକ୍ସିଟି, ଜେମିନି, ଗ୍ରୀଣ୍ଡର ଏବଂ ଲେଟରବକ୍ସଡି ଆଦି ଡାଉନ ହୋଇଯାଇଛି। କ୍ଲାଉଡ୍‌ଫ୍ଲେୟାର ବିଭ୍ରାଟ ଯୋଗୁ ପ୍ରଭାବିତ ହୋଇଥିବା ସାଇଟ୍ ତାଲିକାରେ ଲୋକପ୍ରିୟ ଡିଜାଇନିଂ ପ୍ଲାଟଫର୍ମ କାନ୍‌ଭା ମଧ ରହିଛି। ଡାଉନ୍‌ଡିଟେକ୍ଟର ଅନୁଯାୟୀ,ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ସନ୍ଧ୍ୟା ୫ଟା ୯ ସୁଦ୍ଧା ସର୍ବାଧିକ ଥିଲା, ୧୧,୦୦୦ରୁ ଅଧିକ ସମସ୍ୟା ନେଇ ରିପୋର୍ଟ କରିଛି। ଏଥିଯୋଗୁ ୭୫ ହଜାର ୱେବସାଇଟ ଡାଉନ୍ ରହିଛି।

# ‘ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ’

### କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ନବ ନିର୍ବାଚିତ ପଦାଧିକାରୀଙ୍କୁ ନିଯୁକ୍ତି




ଭୁବନେଶ୍ୱର,୧୮।୧୧(ସମିସ) : ଭାରତୀୟ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏସନ୍ସ (କ୍ରେଡାଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଚଳିତ ନଭେମ୍ବର ୧୮ରେ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆଗାମୀ କାର୍ଯ୍ୟକାଳ ପାଇଁ ଏହାର ନବ ନିର୍ବାଚିତ ପଦାଧିକାରୀଙ୍କୁ ସଫଳ ଭାବରେ ନିଯୁକ୍ତି ଦେଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ , ଆମେ ସରକାରକୁ ଆସିଲାବେଳେ ଅନେକ ସମସ୍ୟା ଜଡ଼ିତ ଥିଲା। ଏସବୁର ସମାଧାନ ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ତତ୍ପର। ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମି ଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ। ସେ ରାଜ୍ୟର ସହରାଞ୍ଚଳ ବିକାଶରେ କ୍ରେଡାଇର ଭୂମିକାକୁ ପ୍ରଶଂସା କରିବା ସହ ଐତିହ୍ୟ ସମସ୍ୟାର ସମାଧାନ, ଅନୁମୋଦନକୁ ସୁଗମ କରିବା ଏବଂ ନୈତିକ ରିଅଲ ଇଷ୍ଟେଟ୍ ଅଭ୍ୟାସ ପାଇଁ ଏକ ଅନୁକୂଳ ପରିବେଶ ପ୍ରୋତ୍ସାହିତ କରିବାରେ ସରକାରୀ ସମର୍ଥନ ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଶେଖ ମୈରାଜୁଲ ହକ୍ କ୍ରେଡାଇ ଭୁବନେଶ୍ୱରର ନୂତନ ସଭାପତି ଭାବରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ନବ ନିର୍ବାଚିତ ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶରତ କୁମାର ସାହୁ, ମନୋଜ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ସୌଭାଗ୍ୟ ସୁନ୍ଦର ରାଉତରାୟ , ନାଭାଲ ମହାଜନ ଏବଂ କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲା ପ୍ରମୁଖ ରହିଛନ୍ତି। ପରିଚାଳନା କମିଟିରେ ଅନ୍ତର୍ଭୁକ୍ତ ଅନ୍ୟ ବିଶିଷ୍ଟ ସଦସ୍ୟଙ୍କ ମଧ୍ୟରେ ଶଶି ଶେଖର ଗଡ଼ବାବୁ, ଅଭୟ କୁମାର ପଣ୍ଡା, ଆଦିତ୍ୟ ଦାସ, ମାନସ କୁମାର ବେହେରା ଏବଂ ଅଶ୍ୱିନୀ କୁମାର ପାଢ଼ୀ ରହିଛନ୍ତି। ବରିଷ୍ଠ ନେତା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କ୍ରେଡାଇ ଓଡ଼ିଶାର ପ୍ରତିଷ୍ଠାତା ସଦସ୍ୟ ମଧୁ ମହାନ୍ତି ଶପଥ ପାଠ କରାଇଥିଲେ। ନବନିର୍ବାଚିତ ସଭାପତି ଶେଖ୍ ମୈରାଜୁଲ୍ ହକ୍ ତାଙ୍କର ଦୃଷ୍ଟିକୋଣ ଏବଂ ଭବିଷ୍ୟତ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ସରକାରଙ୍କ ସହିତ ସହଯୋଗ, ରେରା ନିର୍ଦ୍ଦେଶାବଳୀ ପାଳନ ଏବଂ ଅଂଚଳରେ ସୁଲଭ ଏବଂ ସ୍ଥାୟୀ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନିର୍ବାଚିତ ସଭାପତି ଉମାଶଙ୍କର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ (ଏକାମ୍ର, ଭୁବନେଶ୍ୱର) ଏବଂ ବିଧାୟିକା ସୋଫିଆ ଫିରଦୌସ (ବାରବାଟୀ-କଟକ) ଯୋଗଦେଇଥିଲେ। ଏଥିରେ କ୍ରେଡାଇ ଭୁବନେଶ୍ୱରର ସଭାପତି କହିଛନ୍ତି, ଆମେ ସରକାର ଏବଂ ସମସ୍ତ ଅଂଶୀଦାରଙ୍କ ସହିତ ଘନିଷ୍ଠ ଭାବରେ କାମ କରି ଭୁବନେଶ୍ୱର ଏବଂ ଓଡ଼ିଶାକୁ ସ୍ୱଚ୍ଛ, କ୍ରେତା-ଅନୁକୂଳ ଏବଂ ସ୍ଥାୟୀ ରିଅଲ୍ ଇଷ୍ଟେଟ୍ ବିକାଶ ପାଇଁ ଏକ ମଡେଲ୍ କରିବା ପାଇଁ ପ୍ରତିବଦ୍ଧ।

### ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ପାଇଁ ମିଳିବ ଫସଲ କ୍ଷତି କ୍ଷତିପୂରଣ

# କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁମୋଦନ

ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି): କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିଓ୍ୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି।



ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ ‘ଆଡ୍-ଅନ୍ କଭର’ ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକଧି ପ୍ରଭାବିତ ଜିଲ୍ଲା ଜି /ବୀମା ୟୁନିଟଗୁଡ଼ିଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସଲ କ୍ଷତି ସୂଚସୂନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍‌ରେ ଜିଓ –ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁଗୁରୁତ୍ୱପୂର୍ଣ୍ଣପୂ ର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିଓ୍ୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି। ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟ କାରୀ କରାଯିବ। ହାତୀ, ଜଙ୍ଗଲି ଘୁଷୁରୀ , ନୀଳଗାଇ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ,ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥାନ୍ତି। ଏ ପର୍ଯ୍ୟନ୍ତ ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନ ଥିଲା , ଯାହାଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥାନ୍ତି।

# ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫

ଭୁବନେଶ୍ୱର, ୧୮ ।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ‘ଓଡ଼ିଶା ପାଭିଲିୟନ୍’ ରାଜ୍ୟରେ ବାଣିଜ୍ୟ ସମ୍ଭାବନା ଓ ବାଣିଜ୍ୟିକ ବାତାବରଣର ବାର୍ତ୍ତା ବାଣ୍ଟୁଛି। ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରୁଛି। ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଣ୍ଟସ ପକ୍ଷରୁ ତ୍ରିପୁରା ଶିଳ୍ପ ବିଭାଗ, ହରିୟାନାର ଅରିହନ୍ତ ପେଣ୍ଟସ, ନୂଆଦିଲ୍ଲୀର ଏ.ଏଲ୍. ଏମ୍. ଏଣ୍ଟରପ୍ରାଇଜେସ ଓ ଆର.କେ. ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତ୍ତାଳାପ କରାଯାଇଛି। ସେହିପରି ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବହୁ ରାଜ୍ୟ ବ୍ୟବସାୟିକ ଆଲୋଚନା କରିଛନ୍ତି। ଧାନ, କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ ବାଣିଜ୍ୟ ମେଳାରେ ସ୍ଥାନ ପାଇଛି। ଏହି ବାଣିଜ୍ୟ ମେଳା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।



# ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି କେନ୍ଦ୍ର

ଭୁବନେଶ୍ୱର,୧୮।୧୧(ସମିସ): ଅନ୍ତର୍ଜାତୀୟ ମାନର ଫର୍ଟିଲିଟି ଚିକିତ୍ସା ସୁବିଧାଥିବା ଫର୍ଟିଲିଟି ଚେନ ନୋଭା ଆଇଭିଏଫ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟର ଶୁଭାରମ୍ଭ କରିଛି। ଏହି ସେଣ୍ଟରରେ ଆଡଭାନ୍ସଡ ଇଲେକ୍ଟ୍ରୋନିକ ୱିଟ୍‌ନେସିଙ୍ଗ ସିଷ୍ଟମ ଓ ଆର୍ଟିଫିସିଆଲ ଇନଟେଲିଜେନ୍ସ ସକ୍ଷମ ଟେକ୍ନୋଲୋଜିଗୁଡ଼ିକ ସହିତ ଶୁଭାରମ୍ଭ ହୋଇଛି। ଉଭୟ ଟିୟର ୧ ଓ ଟିୟର ୨ ସହର ଗୁଡିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନର ୪୦ ପ୍ରତିଶତ ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏସମ୍ପର୍କରେ ନୋଭା ଆଇଭିଏଫ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଡ. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନନ୍ସକୁ ବ୍ୟବହାର କରାହେଉଛି। ଭୁବନେଶ୍ୱର ସେଣ୍ଟରର ଶୁଭାରମ୍ଭରେ ଫର୍ଟିଲିଟି ବିଶେଷଜ୍ଞମାନେ ବର୍ତମାନେ ପ୍ରଚଳିତ ଆଞ୍ଚଳିକ ଟ୍ରେଣ୍ଡଗୁଡିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ ଡ. ଗାୟତ୍ରୀ ଶତପଥୀ କହିଛନ୍ତି ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି ଷ୍ଟେଟ-ଅଫ୍-ଦ–ଆର୍ଟ ଲାବୋରେଟରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଏଆଇ ଏମ୍ବ୍ରୋ ସିଲେକ୍ସନ, ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମ ଓ ଆନ୍ତର୍ଜାତୀୟ ପ୍ରୋଟୋକଲଗୁଡିକର ଅନୁପାଳନ ସହିତ ଏକ ସୁବ୍ୟବସ୍ଥିତ କେନ୍ଦ୍ରରେ ବିସ୍ତୃତ ଫର୍ଟିଲିଟି ଚିକିତ୍ସା ପ୍ରଦାନ କରିବ। ଏହାର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




### ଆର୍‌କମ୍ ଜାଲିଆତି ମାମଲା; ଯାଞ୍ଚକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କେନ୍ଦ୍ର-ଇଡି-ସିବିଆଇ ଓ ଅନିଲ ଅମ୍ବାନୀଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର, ସିବିଆଇ, ଇଡି, ଅନିଲ ଅମ୍ବାନୀ ଏବଂ ଅନ୍ୟ କିଛି ଲୋକଙ୍କୁ ସୁପ୍ରିମକୋର୍ଟ ଦେଇଛନ୍ତି ନୋଟିସ୍। ଏହି ନୋଟିସ୍ ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍), ଅନିଲ ଧୀରୁଭାଇ ଅମ୍ବାନୀ (ଏଡିଏ) ଗ୍ରୁପର ଅନ୍ୟ କମ୍ପାନୀ ଏବଂ ପ୍ରମୋଟର ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଆସିଥିବା ବ୍ୟାଙ୍କିଙ୍ଗ ଏବଂ କର୍ପୋରେଟ୍ ଠକେଇ ଅଭିଯୋଗ ସହ ଜଡ଼ିତ। ପ୍ରକୃତରେ ଏହି ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେଉ ବୋଲି ଏକ ପିଆଇଏଲ୍ ଆବେଦନ ହୋଇଥିଲା। ଯାହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନୋଟିସ ଜାରି କରିଛନ୍ତି।

ସୂଚନା ଅନୁସାରେ, ପୂର୍ବତନ କେନ୍ଦ୍ର ସଚିବ ଇ.ଏ.ଏସ ଶର୍ମାଙ୍କ ଦ୍ୱାରା ଦାୟର ପିଆଇଏଲ୍ ଉପରେ ଶୁଣାଣି କରି କୋର୍ଟ ମଙ୍ଗଳବାର ଏହି ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ବି.ଆର. ଗଓ୍ୱାଇ ଏବଂ ବିଚାରପତି କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ପିଆଇଏଲ୍ ଉପରେ ଶୁଣାଣି କରି ସମସ୍ତଙ୍କୁ ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଦୁର୍ନୀତିର ପରିମାଣ ଏତେ ଥିଲେ ବି ସିବିଆଇ ଓ ଇଡି, ବ୍ୟାଙ୍କ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସଲାସୁତୁରାର ଯାଞ୍ଚ କରୁନାହାଁନ୍ତି। ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ବ୍ୟାଙ୍କ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କ’ଣ ତଦନ୍ତ ଚାଲିଛି ତାହାର ଏକ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦିଅନ୍ତୁ। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ୍‌ରେ ଥିବା ଅନେକ କମ୍ପାନୀ ସାଧାରଣ ଲୋକଙ୍କ ଟଙ୍କାକୁ ବିଭିନ୍ନ ଉପାୟରେ ଅପବ୍ୟବହାର କରିଥିଲେ। ମିଥ୍ୟା ବାଲାନ୍ସ ସିଟ୍ ପ୍ରସ୍ତୁତ କରିଥିଲେ। ଆଉ ଏସବୁ ବ୍ୟାଙ୍କ ଏବଂ ବ୍ୟାଙ୍କ୍ ଅଧିକାରୀଙ୍କ ସହମତିରେ ହୋଇଥିଲା। ସିବିଆଇ ଅଗଷ୍ଟ ୨୧ର ଏକ ଏଫଆଇଆର ରୁଜୁ କରିଥିଲା। ଅନିଲ ଅମ୍ବାନୀଙ୍କ ବିରୁଦ୍ଧରେ ଇଡିରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଏହି ଦୁର୍ନୀତିର ଏକ ଛୋଟ ଅଂଶ। ଫୋରେନସିକ୍ ଅଡିଟ୍ରେ ଅନେକ ଗୁରୁତର ଅନିୟମିତତା ଧରାପଡ଼ିଛି। ବମ୍ବେ ହାଇକୋର୍ଟ ପୂର୍ବରୁ ହିଁ ଏକ ରାୟରେ ସମସ୍ତ ଠକେଇ ଏବଂ ପାଣ୍ଠିର ଅପବ୍ୟବହାର କଥା ପ୍ରମାଣିତ କରିସାରିଛନ୍ତି।

# ଆପୋଲୋ ଟାୟାର୍ସ-କିଟ୍ ସହଭାଗିତା

ଭୁବନେଶ୍ୱର,୧୮।୧୧(ସମିସ): ଆପୋଲୋ ଟାୟାର୍ସ ଲିମିଟେଡ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍), ଭୁବନେଶ୍ୱର ପକ୍ଷରୁ ଆଜି ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଟାୟାର ଟେକ୍ନୋଲୋଜି ଉପରେ ଏକ ସ୍ୱତନ୍ତ୍ର ଇଲେକ୍ଟିଭ / ମଡ୍ୟୁଲର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଥମ ଧରଣର ରଣନୈତିକ ସହଭାଗିତା ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଭାରତରେ ଏଭଳି ଐତିହାସିକ ସହଭାଗିତା କରାଯାଇଛି, ଯେଉଁଠାରେ ଏକ ଟାୟାର ନିର୍ମାତା ଓ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ଟାୟାର ସାଇନ୍ସ, ଡିଜାଇନ ଓ ଉତ୍ପାଦନ ପ୍ରକ୍ରିୟାକୁ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏକୀକୃତ କରିବା ପାଇଁ ଏକାଠି ହୋଇଛନ୍ତି। ଏହି ସହଭାଗିତା ଅଧିନରେ ଆପୋଲୋ ଟାୟାର୍ସ ଲିଃ ପାଠ୍ୟକ୍ରମ ପାଇଁ ଶିକ୍ଷାନୁଷ୍ଠାନ ବିଷୟବସ୍ତୁକୁ ନୂଆ ରୂପ ଦେବା କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ସହଭାଗିତା ଅବସରରେ କିଟ୍, କିସ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର (ଡଃ) ଅଚ୍ୟୁତ ସାମନ୍ତ, ଆପୋଲୋ ଟାୟାର୍ସ ଲିଃର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଆର ମହାଲକ୍ଷ୍ମୀ ଏବଂ ସମ୍ପର୍କରେ କିଟ୍-ଡିୟୁର ଭାଇସ ଚାନ୍ସେଲର ପ୍ରଫେସର (ଡଃ) ସରଞ୍ଜିତ ସିଂହ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ୍ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂର ଡିନ୍ ଡା. ବି. ସୁରେଖା, ପ୍ରଫେସର ପି. ଚନ୍ଦ୍ର ଶେଖର, ଆସୋସିଏଟ ଡିନ୍ ଆଇ, ସ୍କୁଲ ଅଫ୍ ମେକାନିକାଲ୍ ଇଞ୍ଜିନିୟରିଂ, କିଟ୍‌ଡିୟୁ ପ୍ରଶାନ୍ତ କୁମାର ଏସ୍,ଉତ୍ପାଦ ବିକାଶ ମୁଖ୍ୟ ସିଭି ଟିବିଆର, ରୀମା ଶର୍ମା, ବିଭାଗୀୟ ମୁଖ୍ୟ ଏଚଆରବିପି ବାଣିଜ୍ୟିକ, ଆଇଏସଏସଇଏ, ଶ୍ରୀଯୁକ୍ତ ଅନିତ ଚାକୁ, ମୁଖ୍ୟ ଏଫଟିଏସ, ଆଇଏସଏସଇଏ, ଆପୋଲୋ ଟାୟର୍ସ, ଏବଂ ଡା. ଶିର୍ସେନ୍ଦୁ ବାନାର୍ଜୀ, ଆସୋସିଏଟ ଡିନ୍, ଇଣ୍ଡଷ୍ଟ୍ରିଆଲ୍ ଏଗେଜମେଂଟସ୍, କିଟ୍‌ଡିୟୁ ପ୍ରମୁଖ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷ୍‌ର ସେଣ୍ଟ ପିସର୍ଟବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮- ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮- ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

# ଲୌହ ମାନବୀ ଇନ୍ଦିରା




ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକ ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

# 'ତେରେ ଇସ୍କ ମେଁ'
## ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢ଼ାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫଟନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

# ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ୍ୟ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ।



# ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି

**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢ଼ୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫା ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

# ସମ୍ଭାବନା



# ଡିଗ୍ରୀ ନୁହେଁ, ସଫଳତାର ଆଧାର




**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢ଼ୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

# ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**




- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ପୂର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

# ସମାଲୋଚକଙ୍କ ପ୍ରତି କିଭଳି ଆଚରଣ

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



## ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି। ଘରୋଇ ଓଡ଼ିଶା ପକ୍ଷରୁ ୪୬୫

### ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି। ଏହି କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି। ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି। ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା। ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟସରେ ଖେଳିଥିଲେ। ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ। ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା। ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ। ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ। ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ। ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା। ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା। ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା।

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି। ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା। ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ। କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା। ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ। ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା। ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ। ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ। ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

■ ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରୁ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପାକିସ୍ତାନ ଗ୍ରୁପ୍‌ରେ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ଓମାନକୁ ୬ ୱିକେଟରେ ହରାଇ ଭାରତ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିକୁ ଉନ୍ନୀତ ହୋଇଛି। ଆସନ୍ତାକାଲି ଗ୍ରୁପ୍-ବି'ର ଲିଗ୍ ମ୍ୟାଚ୍ ପରେ ସେମିରେ କିଏ କାହା ସହ ଖେଳିବ ତାହା ଜଣାପଡ଼ିବ। ଆଜି ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୭ ୱିକେଟରେ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ହର୍ଷ ଦୁବେ ସର୍ବାଧିକ ୫୩ଅ, ନମନ ଧୀର ୩୦ ଓ ନେହାଲ ୱାଧେରା ୨୩ ରନ୍ କରିଥିଲେ।

## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି। ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟାରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି। କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି। ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି। ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି। ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତାମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ। କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି। ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହାରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା।

### ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ

## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି। ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା। ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ। ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର୍‌ୟାଙ୍କିଂ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ପଟିଆ



ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି। ଆଜି ଅନୁଷ୍ଠିତ ସିନିଅର ର୍ୟାଙ୍କିଂ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି। ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS